୬ ଏସୀୟ କ୍ରୀଡ଼ା ହକିରେ ଐତିହାସିକ ବିଜୟ, ସ୍ୱର୍ଣ୍ଣ ହାତେଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୪୫ ● ୪ ଅକ୍ଟୋବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-245 ● 4th October 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


### ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧୯ ରନ୍‌ରେ ପରାସ୍ତ କରି

# କ୍ରିକେଟ୍‌ରେ ସ୍ୱର୍ଣ୍ଣ ବଜାୟ ରଖିଲା ଭାରତ



**ନିଶିନ, ୩।୧୦**

ମହିଳାଙ୍କ ଭଳି ଭାରତୀୟ ପୁରୁଷ କ୍ରିକେଟ୍‌ଦଳ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସକ୍ଷମ ହୋଇଛି। ଶନିବାର ଫାଇନାଲ୍‌ରେ ଭାରତୀୟ ପୁରୁଷ ଦଳ ୧୯ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ୍‌ରେ ଖେଳିଥିବା ଦଳକୁ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଭିଷେକ ଶର୍ମା (୬୧, ୨୮ ବଲ୍, ୩ ଚୌକା, ୬ ଛକା) ଓ ତିଳକ ବର୍ମା (୫୧*, ୨୨ ବଲ୍, ୩ ଚୌକା, ୪ ଛକା)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ ୬ ୱିକେଟ୍ ହରାଇ ୨୧୧ ରନ୍ କରିଥିଲା। ୧୪.୧ ଓଭରରେ ଭାରତ ୧୩୩/୫ କରିଥିଲା। ହେଲେ ତିଳକ ଓ ଶିବମ୍ ଦୁବେ (୨୭, ୧୫ ବଲ୍, ୨ ଚୌକା, ୨ ଛକା) ଷଷ୍ଠ ୱିକେଟ୍‌ରେ ୩୦ ବଲରୁ ୬୨ ରନ୍ ଯୋଡ଼ି ଦଳୀୟ ସ୍କୋର୍ ୨୦୦ ପାର୍ କରିବାର ବାଟ ଫିଟାଇଥିଲେ। ଜବାବରେ ହାସନ ନୱାଜଙ୍କ ୫୧ ବଲରୁ ୯୬ (୫ ଚୌକା, ୭ ଛକା)ଙ୍କ ପାଳି ସତ୍ତ୍ୱେ ପାକିସ୍ତାନ ୧୯୨/୬ରେ ଅଟକି ରୌପ୍ୟରେ ସନ୍ତୁଷ୍ଟ ରହିଥିଲା। ଭାରତ ପକ୍ଷରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ୨ଟି *(ପୃଷ୍ଠା ୭ରେ)*

# ନଭେମ୍ବର ସୁଦ୍ଧା ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୧୦**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ନଭେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କରି ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କୁଳାଧିପତି ତଥା ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସମସ୍ତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକଭବନ ପରିସରସ୍ଥିତ ନ୍ୟୁ ଅଭିଷେକ ହଲ୍‌ର ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଛନ୍ତି।



ବୈଠକରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ, ବିଭାଗର ବରିଷ୍ଠ ଅଧିକାରୀ ଏବଂ ଲୋକଭବନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ରାଜ୍ୟପାଳ କହିଥିଲେ ଯେ, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଏବେ ଏକ *(ପୃଷ୍ଠା ୭ରେ)*

# ରାଜ୍ୟରେ କମିଛି ବର୍ଷା

**ଭୁବନେଶ୍ୱର, ୩।୧୦**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ କମିଛି ବର୍ଷା। ବଢ଼ିଲା ଦିନର ତାପମାତ୍ରା । ବର୍ତ୍ତମାନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ *(ପୃଷ୍ଠା ୭ରେ)*

# ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହେବେ ସ୍ମିତ୍ ମଚ୍ଛାର !

**ନନ୍ଦିଘୋଷ, ୩।୧୦**

ଦେଶରେ ଏବେ ଯାହାକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା, ତାଙ୍କୁ ନେଇ ଏବେ ସାମ୍ନାକୁ ଆସିଛି ଆଉ ଏକ ବଡ ଖବର । ଫ୍ଲାଏଦୁବାଇ ବିମାନରେ କୋ-ପାଇଲଟଙ୍କ ଆକ୍ରମଣରେ ଆହତ ହୋଇଥିବା କ୍ୟାପେଟନ୍ ସ୍ମିତ ମଚ୍ଛାର ତାଙ୍କ ନିର୍ଭୀକତା ଯୋଗୁଁ ଚର୍ଚ୍ଚାର ପରିସରକୁ ଆସିଛନ୍ତି । ମରଣାନ୍ତକ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଧିରେ ଧିରେ ସୁଧାର ଆସୁଛି। ତାଙ୍କର ସାହସିକତା ପାଇଁ ତାଙ୍କୁ ଏବେ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି । ନିଜ ଜୀବନକୁ ବାଜି ଲଗାଇ ସେ ଯେଉଁଭଳି ଭାବେ ବିମାନରେ ଥିବା ୧୮୦ ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିଲେ ସେଥିପାଇଁ ପୂରା ଭାରତ ଏବେ ତାଙ୍କ ପାଇଁ ଗର୍ବିତ । କେବଳ ଭାରତ କାହିଁକି ବରଂ ସ୍ମିତଙ୍କ ସାହସିକତାରେ ପ୍ରଭାବିତ ହୋଇ ଇସ୍ରାଏଲ ତାଙ୍କୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବା ପାଇଁ ଘୋଷଣା କରିଛି । କାରଣ *(ପୃଷ୍ଠା ୭ରେ)*

### କୃଷି ଉନ୍ନତ ସହଯୋଗୀ କାର୍ଯ୍ୟକ୍ରମର ଶୁଭାରମ୍ଭ

# ରାଜ୍ୟରେ ନିୟୋଜିତ ହେବେ ୯୬୪ ଜଣ କୃଷି ଛାତ୍ର ସହଯୋଗୀ

**ଭୁବନେଶ୍ୱର, ୩।୧୦**

**ନ୍ୟୁଜ୍ ବ୍ୟୁରୋ**

କୃଷି ଶିକ୍ଷାକୁ କ୍ଷେତ୍ରସ୍ତରୀୟ ସମ୍ପ୍ରସାରଣ ସେବା ସହ ଯୋଡ଼ିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଅନନ୍ୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ 'କୃଷି ଉନ୍ନତ ସହଯୋଗୀ'ର ଶୁଭାରମ୍ଭ ହୋଇଛି। ଓୟୁଏଟିର କୃଷି ଶିକ୍ଷା ସଦନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

୨୦୨୩ ମସିହାରୁ ସଫଳତାର ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ ବ୍ୟାପକ ଭାବେ କାର୍ଯ୍ୟକାରୀ ହେଉଛି। ଖରିଫ ଫସଲ ସମୟରେ ରୋଗ-ପୋକ ସର୍ବେକ୍ଷଣ ଏବଂ ସରକାରୀ ଯୋଜନା ବିଷୟରେ ସଚେତନତା ସୃଷ୍ଟି ପାଇଁ ଅକ୍ଟୋବରରୁ ଡିସେମ୍ବର *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)

22nd ANNUAL CONVOCATION 2026

3 - 5 October, 2026 KIIT Convention Centre

Gracious Presence following Personalities

His Excellency
Shri Nand Kishore Yadav
Hon'ble Governor, Nagaland

Dr. Ashok Kumar Lahiri
Hon'ble Vice Chairperson, NITI Aayog, Government of India

Prof. Gobardhan Das
Hon'ble Member, NITI Aayog, Government of India

Congressman Michael Baumgartner
Hon'ble Member, United States House of Representatives

Dr. Brock Tessman
President, Montana State University, USA

MONTANA STATE UNIVERSITY, USA
- Prof. Dilpreet Bajwa, Dept. Head, Mech. & Ind. Engg.
- Dr. Sally Mudiamu, Dean, Intl. Prog. & Global Engagement
- Mr. James Tobin

ROMANIA
- Prof. Cezar Ionut Spînu, Rector, University of Craiova
- Ms. Lia Olguta Vasilescu, Mayor, City of Craiova
- Ms. Alina Sorina Spînu
- Ms. Lidia Ramona Cazacu
- Dr. Ion Sorin Cazacu

DOMINICAN REPUBLIC
- Mr. Erik Federico Pérez Vega, Rector, APEC University
- Mrs. Ana María Pérez Mateo

ARGENTINA
- Mr. Jorge Calzoni, Rector, National University of Avellaneda (UNDAV)
- Dr. Juan Francisco Petrillo
- Mr. Santiago Tangir

This year, the KIIT Convocation will be held over three days from 3rd - 5th October 2026, discipline-wise, to facilitate greater participation of students and parents.

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଦ୍ରୁତ ଅଭିବୃଦ୍ଧି ଉପରେ ଆଲୋକପାତ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଜୟୀ ରାଜଗୁର ଭବନ ଟାଉନ ହଲ୍ ଠାରେ ଅଭିଷେକ ସିଂସାମନ୍ତଙ୍କ ସଭାପତିତ୍ୱରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୦ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କର ପ୍ରତିଷ୍ଠାତା ସ୍ୱର୍ଗତ ରାୟ ସାହେବ ସତୀଶ ଚନ୍ଦ୍ର ଚକ୍ରବର୍ତ୍ତୀ ଓ ଓଡ଼ିଶା ସମବାୟ ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ସହ ପ୍ରଦୀପ ପ୍ରଜ୍ୱଳନ କରି ବନ୍ଦେ ମାତରଂ ଓ ବନ୍ଦେ ଉତ୍କଳ ଜନନୀ ଗାନ ସହ ସଭା ଆରମ୍ଭ ହୋଇଥିଲା। ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ଭାଗବତ ମାରାଣ୍ଡି ନିଜ ବକ୍ତବ୍ୟରେ ସମସ୍ତ ସମିତି କର୍ମଚାରୀମାନଙ୍କ ସହଯୋଗରେ ସମବାୟକୁ ଅଗ୍ରସର କରି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ସମ୍ବନ୍ଧ' କାର୍ଯ୍ୟକ୍ରମ ଦ୍ୱାରା ସମିତି ସ୍ତରରେ ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତି ଅଭିଷେକ ସିଂସାମନ୍ତ ବ୍ୟାଙ୍କରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାମର ଚିଠା ଉପସ୍ଥାପନ ଓ ପରିଚାଳନା ପରିଷଦର ନିଷ୍ପତି ଅନୁସାରେ ଗତ ୫ ବର୍ଷରେ ବ୍ୟାଙ୍କର ବ୍ୟବସାୟର ଦ୍ରୁତ ତମ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବାକି ରହିଥିବା କାମର ଜଲଦି ସମାପ୍ତ ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥି ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ। ବ୍ୟାଙ୍କର ଏଜିଏମ ସନ୍ଦୀପ ପଟ୍ଟନାୟକ ସମସ୍ତଙ୍କ ସହଯୋଗରେ ବ୍ୟାଙ୍କର ଅଗ୍ରଗତି କାମନା କରିଥିଲେ। ବ୍ୟାଙ୍କ ସହ ଅନୁବନ୍ଧିତ ସମିତିର ସଭାପତି ସମ୍ପାଦକମାନେ ଯୋଗ ଦେଇ ଏହି ସଭାରେ ନିଜର ମତ ରଖିଥିଲେ। ନିର୍ଦ୍ଦେଶକ ସୁଧାଂଶୁ ଶେଖର ବଡ଼ଜେନା, ପ୍ରକାଶ ରାଉତରାୟ ଓ ବିପିନ ବିହାରୀ ପାତ୍ର ନିଜର ବକ୍ତବ୍ୟରେ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଉପସଭାପତି ଜୟଶ୍ରୀ ଗଡ଼ନାୟକ ସମସ୍ତଙ୍କ ସହଯୋଗୀତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋତିରଞ୍ଜନ ରାଉତରାୟ ସଭା ପରିଚାଳନା କରିଥିଲେ। ସମବାୟ ବିତ ବିମଳ ଷଡ଼ଙ୍ଗୀଙ୍କ ବିୟୋଗରେ ନିରବ ପ୍ରାର୍ଥନା ସହ ସଭା ସମାପ୍ତ ହୋଇଥିଲା।

# ପ୍ରତି କ୍ଷେତ୍ରରେ ଆଗକୁ ବଢିବା ପାଇଁ ଛାତ୍ରୀମାନଙ୍କୁ ଉତ୍ସାହ ପ୍ରଦାନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସାନସୁଆର ପଞ୍ଚାୟତ ଅଧିନସ୍ଥ କପାସୀ ଛକ ନିକଟସ୍ଥ ମହାବୀର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚାଲିଥିବା 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ୟାକରଣ ବିଭାଗର ବରିଷ୍ଠ ଅଧ୍ୟାପକ ରମାକାନ୍ତ ବରାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟାପିକା ତଥା ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜିକା ସୁଜାତା ସାମଲ ରାଜ୍ୟ ସରକାରଙ୍କ ଶକ୍ତିଶ୍ରୀ ଗାଇଡ୍‌ଲାଇନ୍ ଏବଂ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ରାଉତ ଯୋଗଦେଇ ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରୀମାନେ ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବୀର ସଂସ୍କୃତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ, ରାଜ୍ୟ ସଂସ୍କୃତ ମହାମଣ୍ଡଳର ଉପସଭାପତି ତଥା ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପଣ୍ଡିତ




କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ପୁରାଣ ଓ ଇତିହାସରେ ନାରୀମାନଙ୍କ ଭୂମିକା ଓ ଅବଦାନର ଗୁରୁତ୍ୱ ଉପରେ ଭାଷଣ ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ନିହାତି ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାନ ସୁଆର ଗ୍ରାମ ପଞ୍ଚାୟତର ସରପଞ୍ଚ ସାଗରିକା ଦାସ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ନାରୀମାନେ ନିଜେ ଆତ୍ମନିର୍ଭରଶୀଳ ହୋଇ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ଯାଜପୁର ଥାନାର ଅଧିକାରିଣୀ ଦୁଇ ଜଣ ନିବେଦିତା ଶତପଥି ଓ ରୁପଶ୍ରୀ ରାଉତ୍ ସମ୍ମାନୀତ ଅତିଥି ଭାବରେ ମଧ୍ୟ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ଅଭିଭାବକ ଏବଂ ବହୁ ସଂଖ୍ୟକ ଛାତ୍ରୀ ଉପସ୍ଥିତ ରହିଥିଲେ। ଶେଷରେ ଶକ୍ତିଶ୍ରୀ ସାଥୀ ସ୍ୱର୍ଣ୍ଣଲକ୍ଷ୍ମୀ ବିଶ୍ୱାଳ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଇଂରାଜୀ ବିଭାଗ ର ଅଜୟ କୁମାର ପଣ୍ଡା ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁପରିଚାଳନା ଓ ତଦାରଖ କରୁଥିଲେ ଓ କର୍ମଚାରୀ ରବୀନ୍ଦ୍ର କୁମାର ବେହେରା, ହୃଷୀକେଶ ବେହେରା, ମନୋଜ କୁମାର ସ୍ୱାଇଁ ବହୁତ ସହଯୋଗ ପ୍ରଦାନ କରିଥଲେ।

# ସୁସ୍ଥ ଜୀବନ ଶୈଳୀ ପର୍ଯ୍ୟଟନର ପ୍ରଚାର ବାର୍ତ୍ତା ଦେଲେ ଧାବକ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କେନ୍ଦ୍ରାପଡ଼ାରେ 'ଓଡ଼ିଶା ପ୍ରୋମୋ ରନ୍–କେନ୍ଦ୍ରାପଡ଼ା' ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରସାର ସହ ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ଉଦ୍ଦେଶ୍ୟରେ ଆୟୋଜିତ ପ୍ରୋମୋ ରନ୍‌ରେ ଧାବକ ଓ ସାଧାରଣ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ପରିଲକ୍ଷିତ ହୋଇଥିଲା। ଇଚ୍ଛାପୁର ମନ୍ଦିରଯାତ୍ରୀ ନିବାସଠାରୁ ପ୍ରୋମୋ ରନ୍‌ର ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ଶୁଭାରମ୍ଭକରିଥିଲେ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶିବମ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଭାରତର ଯୁବ ଅଧିକାରୀ ସିଦ୍ଧାର୍ଥ ଯାଦବଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଧାବକ ଓ ସାଧାରଣ ନାଗରିକ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ମାର୍ଗ ଅନୁଯାୟୀ ଧାବକମାନେ ଶ୍ରୀ ଗୁଣ୍ଡିଚା ମନ୍ଦିର, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଓ ଇନ୍‌ଡୋର ଷ୍ଟାଡିୟମ୍ ଦେଇ ଦୌଡ଼ି ପୁନର୍ବାର ଶ୍ରୀ ବଳଦେବ ଜୀଉ ଯାତ୍ରୀ ନିବାସଠାରେ ପହଞ୍ଚିଥିଲେ। ସେଠାରେ ହିଁ ରନ୍‌ର ସମାପ୍ତି ହୋଇଥିଲା। ଏହି ପ୍ରୋମୋ ରନ୍‌ର ମୁଖ୍ୟ ବାର୍ତ୍ତା ଥିଲା ଦୌଡ଼ ମାଧ୍ୟମରେ ନିୟମିତ ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି କରିବା ସହ କେନ୍ଦ୍ରାପଡ଼ାର ସାଂସ୍କୃତିକ, ଐତିହାସିକ ଓ ପର୍ଯ୍ୟଟନ ସମ୍ଭାବନାକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥିଲା। ଏଥିସହ ଆଗାମୀ ଓଏମସି ପୁରୀ କୋଷ୍ଟାଲ୍ ମାରାଥନ୍–୨୦୨୬, ଯାହା ୧୩ ଡିସେମ୍ବର ୨୦୨୬ରେ ଅନୁଷ୍ଠିତ ହେବ, ତାହାର ପ୍ରଚାର ଓ ଜନସଚେତନତା ସୃଷ୍ଟି ମଧ୍ୟ ଏହି ପ୍ରୋମୋ ରନ୍‌ର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା ଓ ପର୍ଯ୍ୟଟନ ବିକାଶ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାର ମିଳିତ ସହଯୋଗରେ ଏହି ପ୍ରୋମୋ ରନ୍ ଆୟୋଜିତ ହୋଇଥିଲା।

# ଶିକ୍ଷିତ ଭାରତ ସଚେତନତା ଅଭିଯାନ



**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଶିକ୍ଷିତ ଭାରତ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟର ପାଞ୍ଚୋଟି ପୋଷ୍ୟ ଗ୍ରାମରେ ବ୍ୟାପକ ସଚେତନତାମୂଳକ ଅଭିଯାନ ମଛୁଆ ଗ୍ରାମଠାରୁ ଶୁଭାରମ୍ଭ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ 'ସେବା ପକ୍ଷ ଅଭିଯାନ-୨୦୨୬' ପାଳନ ଅନ୍ତର୍ଗତ ସଂରଚିତ ଏହି ସେବାମୂଳକ ଅଭିଯାନ ପାଞ୍ଚଦିନ ବ୍ୟାପି ଚାଲିବ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ଗ୍ରେସ ବାହାଲିନ ମୁଣ୍ଡ ସୂଚୀତ କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯିବ। ବିବିଧ ବିଷୟ ଗୁଡ଼ିକୁ ଆଧାର କରି ପ୍ରାୟ ୨୫ରୁ ୩୦ ମିନିଟ୍‌ର ପଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରାଯିବ ତଥା ପ୍ରାଚୀର ଲେଖନ, ପ୍ରଚାରପତ୍ର ବଣ୍ଟନ, ବ୍ୟାନର ପ୍ରଦର୍ଶନ ଓ ସଚେତନତା ପଦଯାତ୍ରା ଭଳି ବିଭିନ୍ନ ମାଧ୍ୟମରେ ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚିବ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲାଙ୍କ ତତ୍ତ୍ୱାବଧାନରେ, ବିଶ୍ୱବିଦ୍ୟାଳୟର ସମାଜିକ କାର୍ଯ୍ୟ ବିଭାଗ,ଜନସଂଖ୍ୟା ଅଧ୍ୟୟନ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ସମାଜ ବିଜ୍ଞାନ ବିଭାଗ, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ, ଆନ୍‌ଥ୍ରୋପୋଲୋଜି ବିଭାଗ ଏବଂ ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ପୋଷ୍ୟ ଗ୍ରାମରେ ଦଳଗତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି ଅଭିଯାନରେ ମଛୁଆ, ମଖାପଦା, ନୂଆପାଢ଼ି, ରସାଲପୁର ଓ ମର୍ଦ୍ଦରାଜପୁର ପୋଷ୍ୟ ଗ୍ରାମଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି। ଏକ ମହତ ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ସମସ୍ତ ବିଭାଗର ସମନ୍ୱୟରେ ଗ୍ରାମାଞ୍ଚଳରେ ସାମାଜିକ ସଚେତନତା ଓ ଜନସହଭାଗିତାକୁ ସୁଦୃଢ଼ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ଏଥିସହ ଛାତ୍ରଛାତ୍ରୀଙ୍କୁ ଗ୍ରାମଗୁଡ଼ିକର ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ ପରିବେଶ ସଂପର୍କରେ ଅବଗତ କରାଇବା ସହ ଗୋଷ୍ଠୀମାନଙ୍କ ସହ ଜଡ଼ିତ ହୋଇ ବିଭିନ୍ନ ଆନୁଷଙ୍ଗିକ ପଦକ୍ଷେପ ନିଆଯିବା ପାଇଁ ଏ କାର୍ଯ୍ୟକ୍ରମ ସହାୟକ ହୋଇପାରିବ।

# ୧୦ ବିଶିଷ୍ଟ ବ୍ୟକ୍ତିଙ୍କୁ ତାଳଧ୍ୱଜ ସମ୍ମାନ ପ୍ରଦାନ



**କେନ୍ଦ୍ରାପଡ଼ା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ତାଳଧ୍ୱଜ ସମ୍ମାନ ସମାରୋହ, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। 'ମୁହାଁଣ' ପତ୍ରିକା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡ଼ା ଉଦଘାଟନ କରିଥିଲାବେଳେ ଏହି ସଭାରେ ମୁଖ୍ୟଅତିଥି କବି ହିମାଂଶୁ ପରିଡ଼ା, ବିଶିଷ୍ଟ ଅତିଥି କବି ଡ. ଶ୍ରୀଧର ସାମଲ, ମୁଖ୍ୟବକ୍ତା କବି ଡ. ନିଖିଳେଶ ମହାନ୍ତି ଏବଂ ସଂଯୋଜିକା ଭାବରେ କବି ଚାରୁଲତା ଭୂୟାଁ ଯୋଗ ଦେଇ ସମାଜର ଯେତେବେଳେ ଅବକ୍ଷୟ ଘଟେ ସେତେବେଳେ ସାହିତ୍ୟ ହିଁ ଏହି ସଙ୍କଟରୁ ଉଦ୍ଧାର କରିଥାଏ ପ୍ରଥମ ଅଧିବେଶନରେ ଅନୁଷ୍ଠାନର ସମ୍ପାଦକ କବି ପ୍ରେମାନନ୍ଦ ଖଣ୍ଡୁଆଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲାପରେ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ଖଣ୍ଡୁଆଳଙ୍କ କବିତା ସଂକଳନ 'ଭୋକ ରଙ୍ଗର କବିତା' ଓ କବି ଶଶିକାନ୍ତ ଦାସଙ୍କ 'ମାଟି ମାୟା' କବିତା ସଂକଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାହିତ୍ୟ ଓ ସମାଜସେବାରେ ସୁନାମ ଅର୍ଜନ କରିଥିବା କଥାକାର ବନମାଳୀ ସେନାପତି, କବି ପୁଷ୍ପାଞ୍ଜଳି ପଣ୍ଡା, କଥାକାର ଟୁନିଲତା ବିଶ୍ୱାଳ, କବି ଭବାନୀ ପ୍ରାସାଦ ମହାପାତ୍ର, କବି ଦିଲ୍ଲୀପ କୁମାର ବିଶ୍ୱାଳ, କବି ମହନ୍ତ କୁମାର ମଲ୍ଲିକ, ନାଟ୍ୟକାର ସଞ୍ଜୟ ମଲ୍ଲିକ, ଘନଶ୍ୟାମ ଜେନା, ଶ୍ରୀମାନ ସୁବ୍ରଜିତ ଖଣ୍ଡୁଆଳ, କଥାକାର ସୁବ୍ରତ ପାତ୍ର ପ୍ରଭୃତି ଦଶଜଣଙ୍କୁ ମାନପତ୍ର, ଉପଢୌକନ, ତୁଳସୀମଞ୍ଚ ଓ ପୁଷ୍ପଗୁଚ୍ଛ ଦେଇ ତାଳଧ୍ୱଜ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ସୁହାନି ରାଉତ ମାନପତ୍ର ପାଠକରିଥିଲେ। ସଭା ଶେଷରେ କବି ଅଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ମାରାଥନ ଦୌଡ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୬ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଏକ ମାରାଥନ ଆୟୋଜିତ ହୋଇଛି। ପର୍ଯ୍ୟଟନ ଦିବସର ଆଭିମୁଖ୍ୟ ହେଉଛି ଡିଜିଟାଲ ଏବଂ ଏ.ଆଇ ର ପର୍ଯ୍ୟଟନ ବୃଦ୍ଧିରେ ଭୂମିକା। ଆଗାମୀ ଡିସେମ୍ବର ମାସରେ ପୁରୀରେ ହେବାକୁ ଥିବା ଗଣଦୌଡ଼ ପାଇଁ ସମସ୍ତ ଜିଲ୍ଲା ପରି ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ତାର ପ୍ରମୋସନ ହେଉଛି। ସୁରେଶ୍ୱରୀ ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ମାରାଥନ ନଳିନୀ ଛକ, ବିଜୁ ପଟ୍ଟନାୟକ ଛକ, ମଝିପଡ଼ା, ମସଜିଦ ଛକ ଓ କୋର୍ଟ ଛକ ଦେଇ ସୋନପୁର ମହାବିଦ୍ୟାଳୟ ପର୍ଯ୍ୟନ୍ତ ମାରଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା। ସୁରେଶ୍ୱରୀ ମନ୍ଦିରଠାରେ ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମାରାଥନରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇଥିଲେ। ସେ କହିଥିଲେ ଯେ, ଆଜିର ଡିଜିଟାଲ ଯୁଗରେ ଯୁବପିଢ଼ି ରିଲ୍ସ ମାଧ୍ୟମରେ ବିଭିନ୍ନ ଲୁକ୍କାୟିତ ସ୍ଥାନକୁ ଲୋକଲୋଚନକୁ ଆଣୁଛନ୍ତି। ଏହା ଦ୍ୱାରା ସେହି ଅଞ୍ଚଳର ପର୍ଯ୍ୟଟନର ବିକାଶ ସହ ଅର୍ଥନୀତିକୁ ସୁଦୃଢ଼ କରିବାରେ ମଧ୍ୟ ସହାୟତା ମିଳୁଛି। ମାରାଥନ କାର୍ଯ୍ୟକ୍ରମ ପାଇଁ ସକାଳ ୫.୧୫ରେ ସୁରେଶ୍ୱରୀ ମନ୍ଦିରଠାରେ ଅଂଶଗ୍ରହଣକାରୀଙ୍କ ରିପୋର୍ଟିଂ, ୫.୩୦ରେ ପତାକା ଦେଖାଇ ମାରାଥନର ଶୁଭାରମ୍ଭ, ୬.୩୦ରେ ପଞ୍ଜୀକରଣ ଓ ଟି-ସାର୍ଟ ବଣ୍ଟନ ଏବଂ ୮.୦୦ରେ ମାରାଥନ ପରବର୍ତ୍ତୀ ଜଳଖିଆର ବ୍ୟବସ୍ଥା କରାଯାଇଥିଲା। ଏହି ମାରାଥନରେ ସୋନପୁର ମହାବିଦ୍ୟାଳୟର ଏନ୍‌ସିସି ଓ କଲେଜ ଆଥଲେଟିକ୍ ଛାତ୍ରଛାତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଲୋ ଇଣ୍ଡିଆ ଛାତ୍ରଛାତ୍ରୀ ଏବଂ ମାଇ ଭାରତ ଓ ଏନ୍‌ଏସ୍‌ଏସ୍ ସହ ଜଡ଼ିତ ଅଂଶଗ୍ରହଣକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗଙ୍କ ମଧ୍ୟରେ ପର୍ଯ୍ୟଟନ ପ୍ରତି ସଚେତନତା ସହିତ ଶାରୀରିକ ସୁସ୍ଥତା ଓ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧିର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଡେପୁଟି କଲେକ୍ଟର, ଜରୁରୀ ଶାଖା ରାଜେଶ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଡେପୁଟି କଲେକ୍ଟର ଆଜାଦ ସାହୁ ଏବଂ କ୍ଲିଣ୍ଟନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯାଳୟ ସମ୍ମିଳନୀ କକ୍ଷରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ ହୋଇଥିଲା।

# ଗଜଲକ୍ଷ୍ମୀ ପୂଜା ପାଇଁ କର୍ମକର୍ତ୍ତା ଚୟନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ୫୬ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ରବିବାର ଦିନ ସିତଲାଇ କଲ୍ୟାଣ ମଣ୍ଡପ, ଘୋଡ଼ାଘାଟପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଆଲୋଚନା ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ସଭାପତି ଆଶିଷ କୁମାର ନାୟକ, ସମ୍ପାଦକ ପଦ୍ମଲୋଚନ ମହଲା, ଉପ ସଭାପତି ଶିବଦତ୍ତ ପୂଜାହାରୀ କୋଷାଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ସଂସ୍କୃତି ସମ୍ପାଦକ ଅଭିଷେକ ପଣ୍ଡାଙ୍କୁ ଚୟନ କରାଯାଇଥିଲା ଉପଦେଷ୍ଟା କମିଟି ସଦସ୍ୟରେ ଶ୍ରୀବତ୍ସ ମଲ୍ଲିକ, ହିମାଂଶୁ ଶତପଥୀ, ଭିକାରୀ ଗୁରୁ, ଟୁନା ଦାସ, ପ୍ରଭାତ କିଶୋର ଦାନି, ଯଶୋବନ୍ତ ମହଲା, ସୋମନାଥ ସାହୁ, ଜିତେନ୍ଦ୍ର ପଟ୍ଟନାୟକ,ମୃତ୍ୟୁଞ୍ଜୟ ବକ୍ସି ଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ଧୁମଧାମ ରେ ପାଳନ କରିବା ପାଇଁ ସ୍ଥିର କରାଯାଇଥାଲା, ସମସ୍ତ ଙ୍କ ସହଯୋଗରେ ରାମ ମେହେର, ସତ୍ୟଜିତ୍ ସାହୁ, ତାପସ ରଞ୍ଜନ ମହାନ୍ତି, ସୁମିତ୍ ପୂଜାହାରୀ, ତ୍ରିଲୋଚନ ପାଣଗ୍ରାହୀ, ଶ୍ରୀକାନ୍ତ ମହାନ୍ତି ଶେଷରେ ସମ୍ପାଦକ ପଦ୍ମଲୋଚନ ମହଲା ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

# ବିନିକାରେ ୨୮ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୨୮ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ



ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ବିନିକା ତହସିଲଦାର ରସନା ଭୋଇ, ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ବାଗ, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସ୍ୱାମୀ ଚିଦାନନ୍ଦ ଜୟନ୍ତୀରେ ଫଳ ଓ ଶୁଷ୍କ ଖାଦ୍ୟ ବଣ୍ଟନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିବ୍ୟ ଜୀବନ ସଂଘ ମହିଳା ଶାଖା ଆଶ୍ରମ ପରିସରରେ ଆନ୍ତର୍ଜାତିକ ଦିବ୍ୟ ଜୀବନ ସଂଘର ପ୍ରାକ୍ତନ ସଭାପତି ତଥା ପରମ-କାରୁଣିକ ସଦଗୁରୁ ସାମୀ ଚିଦାନନ୍ଦ ସରସତୀ ମହାରାଜଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ଗୁରୁ ଭାଇ ଅରୁଣ କୁମାର ଦାସ ପୌରାହିତ୍ୟରେ ପ୍ରାତଃ ୫ ଘଣ୍ଟା ଠାରୁ ବ୍ରହ୍ମମୁହୂର୍ତ୍ତ ପ୍ରାର୍ଥନା, ପରିକ୍ରମା, ଗୁରୁ ପାଦୁକା ପୂଜାର୍ଚ୍ଚନା ଆଦି ଯଥାରୀତି ପାଳନ କରାଯାଇଥିଲା। ଶ୍ରୀନିବାସ ପାତ୍ର ଓ ଗୌର କିଶୋର ମହାରଣା ଯୋଗଦେଇ ସାମୀ ଚିଦାନନ୍ଦ ସରସତୀ ମହାରାଜଙ୍କର ବାଣୀ ଓ ଲେଖାର ନିର୍ଯ୍ୟାସକୁ କେତେଗୋଟି ଶବ୍ଦ ମଧ୍ୟରେ ପ୍ରକାଶ କରିଥିଲେ । ତାହା ହେଉଛି ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ପରିଶେଷରେ ଈଶ୍ୱର ସାକ୍ଷାତକାର ବୋଲି କହିଥିଲେ। ପରମ ଗୁରୁଦେବ ସାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦଙ୍କ ମହତ୍ ବାଣୀ 'ଭଲ ହୁଅ' ଓ 'ଭଲ କର', 'ମାନବ ସେବା ହିଁ ମାଧବ ସେବା'କୁ ଆଧାରିତ କରି ଦକ୍ଷିଣାଞ୍ଚଳ ଦିବ୍ୟ ଜୀବନ ସଂଘ ସମନ୍ୱୟ ସମିତି ର କୋଷାଧ୍ୟକ୍ଷ ଶାନ୍ତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅନାଥାଶ୍ରମ, ଶିବାନନ୍ଦ ଶିଶୁ ମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଜଳପାନ ଓ ପାଠପକରଣ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବଡ଼ ମେଡ଼ିକାଲର ସମସ୍ତ ବିଭାଗର ରୋଗୀମାନଙ୍କୁ ଫଳ, ବିସ୍କୁଟ ଏବଂ ଜ୍ଞାନଯଜ୍ଞ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ସତସଂଘ ରେ ରୀନା ପାଢ଼ୀ, ମାମି ବେହେରା, ଓ ଶ୍ରୀନିବାସ ପାତ୍ର ଯୋଗଦେଇ ନବାହ୍ନ ପାରାୟଣ ଓ ମହାରାଜାଙ୍କର ଜୀବନୀ ଏବଂ ଅଲୌକିକତା ବର୍ଣ୍ଣନା କରିଥିଲେ। ଏହି ସବୁ ଦିବ୍ୟ କାର୍ଯ୍ୟକ୍ରମକୁ ସଂଘର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ, ମମତା ମହାପାତ୍ର, ସରିତା ଶତପଥୀ , ସନ୍ଧ୍ୟା ରାଣୀ ପାଣଗ୍ରାହୀ,ଲିପିବାଳା ସାହୁ, ସୁଜାତା ପଟ୍ଟନାୟକ, ସୁପ୍ରଭା ମହାନ୍ତି, ସରସ୍ୱତୀ ପାଣିଗ୍ରାହୀ, ଅଲେଖ ବେହେରା, ସକୁନ୍ତଳା ସାଇଁ, ପ୍ରମିଳା ମହାରଣା, ପ୍ରଶାନ୍ତ କୁମାର ନନ୍ଦ, ରମେଶ ଚନ୍ଦ୍ର ମହାନ୍ତି, ଆଦିତ୍ୟ ଜେନା, ବିକାଶ, କ୍ରିଷ୍ଣା ଦୋରା, ପ୍ରବିଣା ମିଶ୍ର, ଲକ୍ଷ୍ମୀ ପାତ୍ରଙ୍କ ସମେତ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ରହି ସହଯୋଗ କରିଥିଲେ।

# ମାସିକ ସାହିତ୍ୟ ଆସର ଓ କବିତା ପାଠ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ନିକଟସ୍ଥ ଟୁଟୁସିଙ୍ଗା ଉଚ୍ଚବିଦ୍ୟାଳୟ ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ ବୌଦ୍ଧର ମାସିକ ସାହିତ୍ୟ ଆସର ଓ କବିତା ପାଠ ଉତ୍ସବ ଅନୁଷ୍ଠାନର ସଭାପତି ଧ୍ରୁବ ଚ଼ରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବରାଜ ନାୟକ, ସମ୍ମାନିତ ଅତିଥି ଭାବେ ଟଙ୍କଧର ସାହୁ,ଓ ସମ୍ପାଦକ ରାଧାମୋହନ ମାହାଣା ମଞ୍ଚାସୀନ ଥିଲେ । ଆଧୁନିକ କବିତାର ବିଭିନ୍ନ ଦିଗ ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ । ସଭାପତି ଶ୍ରୀ ଘିବେଲା ଆଧୁନିକ କବିତା ଉପରେ ବାସ୍ତବ ଚିତ୍ର ଉପସ୍ଥାପନା କରିଥିଲେ । ଏହା ପରେ କବି ଜୟ ନାରାୟଣ ମହାନ୍ତି, ସଂସାର ଅମାତ, କାର୍ତ୍ତିକେଶ୍ୱର ନାୟକ, ଦେବେନ୍ଦ୍ର ଦେହୁରୀ, ସୁବାସ ଚନ୍ଦ୍ର ମହାଖୁଡ଼, ନିରୋଦ ମେହେର, ଟଙ୍କଧର ସାହୁ, ଧ୍ରୁବ ଚ଼ରଣ ଘିବେଲା, ରାଧାମୋହନ ମାହାଣା, ରାଜକୁମାର ପ୍ରଧାନ ପ୍ରମୁଖ ନିଜ ନିଜର କବିତା ପାଠ କରିଥିଲେ । ଆସନ୍ତା ଡିସେମ୍ବର ଶେଷ ରବିବାର ହେବାକୁ ଥିବା ଏକାଡେମୀର ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚ଼ନା କରାଯାଇଥିଲା । ଶେଷରେ ନିରୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶିଷ୍ଟ ଶିକ୍ଷାବିତ୍ ଶ୍ୟାମାଦେଇ ପଟ୍ଟନାୟକଙ୍କ ପରଲୋକ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଜଣେ ପରିଚିତ ଶିକ୍ଷାବିତ୍ ତଥା ସମାଜସେବୀ ଶ୍ୟାମାଦେଇ ପଟ୍ଟନାୟକଙ୍କ ଗତକାଲି ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ସେ ସ୍ୱର୍ଗତ ଦିନ ନାରାୟଣ ବହିଦାର ସ୍ତ୍ରୀ ଅଟନ୍ତି। ସ୍ୱର୍ଗତ ପଟ୍ଟନାୟକ ୧୪ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୋନପୁର ଏବଂ କର୍ତ୍ତଙ୍ଗ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କରି ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଶିକ୍ଷିତ କରିଥିଲେ। ଶିକ୍ଷା କ୍ଷେତ୍ର ବ୍ୟତୀତ ସେ ସମାଜସେବାରେ ମଧ୍ୟ ସକ୍ରିୟ ଥିଲେ। ସେ ସତ୍ୟ ସାଇ ସେବା ସଂଗଠନ, ସୁବର୍ଣ୍ଣପୁରର ପୂର୍ବତନ ଶିକ୍ଷା ସଂଯୋଜିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ସୋନପୁର କରଣ ସମାଜର ଉପଦେଷ୍ଟା କମିଟି ସଦସ୍ୟ ଭାବେ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ସୋନପୁର ଅଞ୍ଚଳର ଶିକ୍ଷାବିତ୍, ଛାତ୍ରଛାତ୍ରୀ, ସତ୍ୟ ସାଇ ପରିବାର ଏବଂ କରଣ ସମାଜ ସମେତ ସୋନପୁର ସହରରେ ଶୋକର ଛାୟା ଖେଳିଯାଇଛି। ଆତ୍ମୀୟ, ବନ୍ଧୁ, ପରିଜନ ତଥା ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ରାମେଶ୍ୱର ଶ୍ମଶାନ ଠାରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା ବେଳେ ପୁଅ ସମୀର ରଞ୍ଜନ ବହିଦାର ମୁଖାଗ୍ନୀ ଦେଇଥିଲେ।

# ନିୟନ୍ତ୍ରିତ ବଜାର କମିଟି ପରିସରରେ ଗୃହ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ନିୟନ୍ତ୍ରିତ ବଜାରକମିଟି ପରିଚାଳନା ପରିଷଦ କମିଟି ବୈଠକ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ରକୁମାର ମଲ୍ଲିକ, ପରିଚାଳନା ପରିଷଦର ଉପସଭାପତି ବିଜୟ ପରିଡା, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବିଦ୍ୟାଧର ବେହେରାଙ୍କ ସମେତ କମିଟିର ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ଦୀର୍ଘଦିନ ହେଲା ବଜାର କମିଟି ପରିସରରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଘର ନେବାପାଇଁ ଅଗ୍ରିମଟଙ୍କା ଦେଇଥିବା ବ୍ୟବସାୟୀ ମାନଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ପରିସରଭିତରେ ଥିବା କୋଲ୍ଡଷ୍ଟୋର ନିଲାମ ନେଇଥିବା ବ୍ୟକ୍ତିଙ୍କୁ କୋଲ୍ଡଷ୍ଟୋର ଚଳାଇବା ପାଇଁ ଏକ ଜେନେରେଟର ଦିଆଯିବ ବୋଲି ସ୍ଥିର କରାଯାଇଛି।

# ଗାୟତ୍ରୀ ପରିବାର ପକ୍ଷରୁ ୩୩ ୟୁନିଟ ରକ୍ତ ସଂଗ୍ରହ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

"ସେବା ହିଁ ପରମଧର୍ମ" ବାର୍ତ୍ତା ନେଇ ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ବୌଦ୍ଧ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ କୁଳଦୀପ ମୀନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର କୁମାର ସାହୁ, ରକ୍ତ ଭଣ୍ଡାର ଅଧିକାରୀ ଡ.



ଭଞ୍ଜ କିଶୋର ଦେଓ ହେମ୍ବ୍ରମ, ପୌର ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଶାଖାର ମୁଖ୍ୟ ଡ. ପ୍ରବୀର କୁମାର ଦାସ ଯୋଗଦେଇଥିଲେ। ଏହି ରକ୍ତଦାନ ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତଦାନ ଶିବିରରେ ରକ୍ତ ଭଣ୍ଡାରର ଡାକ୍ତର ଦୀପିକା ଦେବସ୍ମିତା ସାହୁ, ଟେକନିଶିଆନ ଦିଲ୍ଲୀପ କୁମାର ଭୋଇ, ପରାମର୍ଶ ଦାତା ବନୋଜ କୁମାର ପ୍ରଧାନ, ନର୍ସିଂ ଅଫିସର ଯୁଦା ସବର, ରକ୍ତ ଭଣ୍ଡାର ସହାୟକ ସୂରଜ ସେଖୋର ଭୋକ୍ତା ଉପସ୍ଥିତ ରହି ରକ୍ତଦାନ ଶିବିର କୁ ସହଯୋଗ କରିଥିଲେ।

ସମ୍ପାଦକୀୟ

32 YEARS
ସମ୍ବାଦ କଳିକା

# G୭ର ବଡ଼ ନିଷ୍ପତ୍ତି, ବଜାରରେ ତେଲର ଅଭାବ ଆଉ ରହିବ ନାହିଁ

ବିଶ୍ୱ ବଜାରରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ତେଲ ଓ ଡିଜେଲ୍ ଦରକୁ ନିୟନ୍ତ୍ରଣ କରିବାକୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି G୭ ଦେଶ । ଶୁକ୍ରବାର ଦିନ G୭ ଗୋଷ୍ଠୀର ସଦସ୍ୟ ଦେଶଗୁଡ଼ିକ ନିଜ ନିଜର ଜରୁରୀକାଳୀନ ଭଣ୍ଡାରରୁ ୧୦ କୋଟି ବ୍ୟାରେଲ୍ କ୍ରୁଡ୍ ଅଏଲ୍ ଓ ଡିଜେଲ୍ ବଜାରକୁ ଛାଡ଼ିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି । ଆଗାମୀ ସପ୍ତାହଗୁଡ଼ିକରେ ଏହି ଇନ୍ଧନ ପରିମାଣ ବଜାରକୁ ଆସିବ, ଯାହା ଦ୍ୱାରା ବର୍ଦ୍ଧିତ ତେଲ ଦରରୁ ସାଧାରଣ ଲୋକଙ୍କୁ ବଡ଼ ଆଶ୍ୱସ୍ତି ମିଳିବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଆଗାମୀ ୨୦ ଦିନ ମଧ୍ୟରେ ଜରୁରୀକାଳୀନ ଭଣ୍ଡାରରୁ ବହୁ ପରିମାଣର ଡିଜେଲ୍ ବଜାରକୁ ଛଡ଼ାଯିବ ଏବଂ ବାକି ତେଲ ଆଗାମୀ ୪ ମାସ ମଧ୍ୟରେ ଯୋଗାଇ ଦିଆଯିବ । ଆମେରିକାରେ ନଭେମ୍ବର ୩ରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ବୃଦ୍ଧି ପାଉଥିବା ଇନ୍ଧନ ଦର ଟ୍ରମ୍ପ ପ୍ରଶାସନ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି । ଇରାନ ଯୁଦ୍ଧ ଓ ବାଣିଜ୍ୟିକ ବିବାଦ ଯୋଗୁଁ ଆମେରିକାରେ ଗ୍ୟାଲନ୍ ପିଛା ଡିଜେଲ୍ ଦର ୬.୫୨ ଡଲାରର ରେକର୍ଡ ସ୍ତରରେ ପହଞ୍ଚିଥିଲା । ୟୁରୋପରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ଆମେରିକୀୟ ନେତା ଘରୋଇ ବଜାରରେ ଦର ନିୟନ୍ତ୍ରଣ ପାଇଁ ଇନ୍ଧନ ରପ୍ତାନି ବନ୍ଦ କରିବାକୁ ଦାବି କରିଥିଲେ । ମାତ୍ର G୭ ଦେଶଗୁଡ଼ିକ ପରସ୍ପର ମଧ୍ୟରେ ଶକ୍ତି ରପ୍ତାନି ଉପରେ କୌଣସି ପ୍ରତିବନ୍ଧକ ନ ଲଗାଇବାକୁ ସହମତ ହୋଇଛନ୍ତି । ଟ୍ରମ୍ପ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆମେରିକା ରପ୍ତାନି ବନ୍ଦ କରିବ ନାହିଁ । ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରୋଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ କୁହାଯାଇଛି ଯେ ଏହି ନିଷ୍ପତ୍ତି ଦ୍ୱାରା ବଜାରରେ ତେଲର ଅଭାବ ଦୂର ହେବ ଏବଂ ମୂଲ୍ୟ ହ୍ରାସ ପାଇବ । ତେବେ ଶକ୍ତି ବିଶେଷଜ୍ଞଙ୍କ ମତରେ, ଜରୁରୀକାଳୀନ ଭଣ୍ଡାରରୁ ତେଲ ଖାଲି କରିବା ଦ୍ୱାରା ସାମୟିକ ଭାବେ ଲିଟର ପିଛା ୨୫ରୁ ୫୦ ସେଣ୍ଟ ପର୍ଯ୍ୟନ୍ତ ଦର କମିପାରେ । ମାତ୍ର ଯୁଦ୍ଧ ପରିସ୍ଥିତି ଜାରି ଥିବା ବେଳେ ନିଜର ଜରୁରୀକାଳୀନ ସଂରକ୍ଷିତ ତେଲ ଖାଲି କରିଦେବା ଦୀର୍ଘ ଦିନର ସୁରକ୍ଷା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିପାରେ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ବ୍ୟକ୍ତି**

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ, କ୍ରୋଧ, ଲୋଭ, ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା,ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ ।

# ପ୍ରିୟ ସବୁରି-ଘାଣ୍ଟ ତରକାରୀ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ହିନ୍ଦୁ ପଞ୍ଜିକା ଗଣନା ଅନୁଯାୟୀ ପବିତ୍ର ଆଶ୍ୱିନ ମାସ ବର୍ଷର ସପ୍ତମ ମାସର ସ୍ୱୀକୃତି ପ୍ରାପ୍ତ ହୋଇଛି । ଜଗତଜନନୀ ଦୁର୍ଗା ଦେବୀଙ୍କର ଧରାବତରଣରେ ଆଶ୍ୱିନ ମାସର ମାହାତ୍ମ୍ୟ ବହୁଗୁଣିତ ହୋଇଥାଏ । ସବୁଜିମା ଶସ୍ୟ ଶ୍ୟାମଳାରେ ବିମଣ୍ଡିତ । ଧରାପୃଷ୍ଠର ଅପରୂପା ଅନୁପମ ସୌନ୍ଦର୍ଯ୍ୟ ବିମୁଗ୍ଧ କରିଥାଏ ଆଶ୍ୱିନ ମାସରେ ପ୍ରକୃତି ପ୍ରେମୀ ଓ ଶ୍ରଦ୍ଧାଳୁ ମାନଙ୍କୁ । ମାତୃଶକ୍ତି ଓ ଉପାସନା ଓ ଆରାଧନାର ପ୍ରକୃଷ୍ଟ ସମୟ ଆଶ୍ୱିନ ମାସ, ଆନନ୍ଦ ଉତ୍ସାହ, ଓ ଉଦ୍ଦିପନାର ଅନ୍ୟ ନାମ ଆଶ୍ୱିନ ମାସ । ଭକ୍ତି, ଭାବ, ଓ ପ୍ରେମର ଉନ୍ମାଦନା ସୃଷ୍ଟି କରିବା ସହିତ ଐଶ୍ୱରୀୟ ସତ୍ତାର ଅନୁଭବକୁ ଉପଲବ୍ଧୀ କରାଇଥାଏ । ଅନେକ ଓଷା,ବ୍ରତ, ଉପାସନା ଓ ଆରାଧନାର ମାସ ଆଶ୍ୱିନ । ଆଶ୍ୱିନମାସ କୃଷ୍ଣପକ୍ଷ ଅଷ୍ଟମୀ ମୂଳାଷ୍ଟମୀ ନାମରେ ଖ୍ୟାତ । ଏହି ଦିବସର ଆଧାତ୍ମିକ ଗୁରୁତ୍ୱ ଯଥେଷ୍ଟ ଅନୁଭୁତ ହୋଇଥାଏ । ଦେବୀ ପୀଠମାନଙ୍କରେ ଏହି ଦିନଠାରୁ ଷୋଳପୂଜା ମହାଆଡମ୍ବର ଓ ଧାର୍ମିକ ବିଧି-ବିଧାନ ମଧ୍ୟରେ ଶୁଭାରମ୍ଭ ହୁଏ । ମୂଳାଷ୍ଟମୀର ଅନ୍ୟତମ ବିଶେଷ ଗୁରୁତ୍ୱ ଏହିଦିନ ପଶ୍ଚିମ ଓଡିଶାର ମାଆମାନେ ନିଜ ପୁତ୍ରର ଶୁଭମନାସୀ "ପୁଅ ଜିଉଁତିଆ"ବ୍ରତ ପାଳନ କରନ୍ତି । ଅନୁରୂପ ଭାବରେ ଉପକୂଳ ଓଡିଶାରେ ଏହିଦିନ ଦୁତିଆ ଓଷା ସଧବା ନାରୀମାନେ ପାଳନ କରିଥାନ୍ତି । ଉଭୟ ପୁଅ ଜିଉଁତିଆ ଓ ଦୁତିଆଓଷାର ମୌଳିକ ଉଦ୍ଦେଶ୍ୟ ପୁତ୍ରମାନଙ୍କର ମଙ୍ଗଳ ବିଧାନ ନିମନ୍ତେ ପୂଜା କରିବା । ମୂଳାଷ୍ଟମୀ ଦିନ ପାଳନ କରାଯାଉଥିବା ଦୁତିଆଓଷା ସୂର୍ଯ୍ୟଦେବଙ୍କ ପୁତ୍ର ଦୁତୀବାମନଙ୍କ ଉଦ୍ଦେଶ୍ୟରେ ସମର୍ପିତ ଅଟେ । ଦୁତୀବାମନଙ୍କୁ ପୂଜା କଲେ ଅନେକ ସୁଫଳ ମିଳିବା ସହିତ ଅପୁତ୍ରିକ ନାରୀ ପୁତ୍ରବତୀ ହୋଇଥାନ୍ତି । ଲୋକ ବିଶ୍ୱାସ ଅଛି, ଦୁତିଆଓଷା ଦିନ ମହିଳାମାନେ ଓଷା କୋଠିରେ ଚିତା ଓ ଝୋଟି ପକାଇ ସେଥିରେ ଏକ ପିଢା ସ୍ଥାପନ କରନ୍ତି । ଏକ ଗୋଟା ଗୁଆକୁ ହଳଦିରେ ସ୍ନାନ ପୂର୍ବକ ଚିତା ଉପରେ ଅବସ୍ଥାନ କରାଇଥାନ୍ତି ଦୂତୀବାମନଙ୍କ ପ୍ରତୀକ ରୂପେ । ଦୂତୀବାମନଙ୍କୁ ଭୋଗ ଭାବରେ ଗଜାମୁଗ, ବୁଟ, ବିଭିନ୍ନ ପନିପରିବା ଓ ଫଳମୂଳ ଇତ୍ୟାଦି ଅର୍ପଣ କରାଯାଏ । କେତେକ ଅଞ୍ଚଳରେ ଦୂତୀଆଓଷାକୁ ଫଳଥିଆ ପୂଜା ବୋଲି ସମ୍ବୋଧନ କରିଥାନ୍ତି । ଓଷା ପରଦିନ ଦୂତୀବାମନଙ୍କୁ ଅର୍ପଣ କରାଯାଇଥିବା ପନିପରିବାକୁ ନେଇ ଏକ ସ୍ୱାଦିଷ୍ଟ ଘାଣ୍ଟ ତରକାରୀ ପ୍ରସ୍ତୁତ କରାଯାଏ । ଘରର ଇଷ୍ଟଦେବଙ୍କ ନିକଟରେ ଭୋଗ ଲାଗି ହୁଏ । ପ୍ରତ୍ୟେକ ପର୍ବ ପର୍ବାଣୀ ତଥା ଓଷାବ୍ରତ ପାଇଁ ଯେପରି ସ୍ୱତନ୍ତ୍ର ବ୍ୟଞ୍ଜନର ବ୍ୟବସ୍ଥା ଥାଏ, ସେହିପରି ଦୁତୀଆ ଓଷା ପାଇଁ ଘାଣ୍ଟ ତରକାରୀ ଉଦ୍ଦିଷ୍ଟ ଥାଏ । ପ୍ରତ୍ୟେକ ଓଷା ପାଇଁ ଥାଏ ସ୍ୱତନ୍ତ୍ର ଖାଦ୍ୟ । ରଜରେ ପୋଡପିଠା, ପ୍ରଥମାଷ୍ଟମୀରେ ଏଣ୍ଡୁରୀ ପିଠା, ଶାମ୍ବ ଦଶମୀରେ ବୁଢା ଚକୁଳି, ମକର ସଂକ୍ରାନ୍ତିରେ ମକର ଚାଉଳ, ଚିତାଲାଗି ଅମାବ୍ୟାସାରେ ଚିତଉପିଠା, ବଡଓଷାରେ ଜାଉ ଇତ୍ୟାଦି ପ୍ରସ୍ତୁତ କରିବାରେ ବ୍ୟବସ୍ଥା ରହିଛି । ଓଡିଆ ଖାଦ୍ୟ ବିଶ୍ୱ ବିଖ୍ୟାତ । ଓଡିଆମାନେ ଖାଦ୍ୟ ପ୍ରିୟ । ତେଣୁ ଓଡିଆଙ୍କ ଘରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଓଡିଆ ଖାଦ୍ୟର ମହତ୍ତ୍ୱକୁ ପ୍ରତିପାଦନ ନିମନ୍ତେ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଶ୍ରୀମନ୍ଦିରରେ ଓ ବୈଷ୍ଣବୀୟ ମଠ, ମନ୍ଦିର, ଧର୍ମାନୁଷ୍ଠାନ ମାନଙ୍କରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଏ । ମାର୍ଗଶୀର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ବ୍ୟଞ୍ଜନ ଦ୍ୱାଦଶୀ ନାମରେ କଥିତ । ବ୍ୟଞ୍ଜନ ଦ୍ୱାଦଶୀ ସମ୍ବନ୍ଧୀୟ ତଥ୍ୟ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଓ ମାଦଳା ପାଞ୍ଜିରେ ମଧ ଉଲ୍ଲେଖ ଅଛି । ଓଡିଆ ଜାତିର ଆରାଧ ଦେବତା ଶ୍ରୀ ଜଗନ୍ନାଥ ମହାପ୍ରଭୁ ଭୋଜନ ପ୍ରିୟ । ଲୌକିକ ଭାଷାରେ ଭକ୍ତମାନେ ତାଙ୍କୁ ଶ୍ରଦ୍ଧାରେ "ବଡଖିଆ"ବୋଲି ସମ୍ବୋଧନ କରିଥାନ୍ତି । ମଧ୍ୟଯୁଗୀୟ ସିଦ୍ଧପୁରୁଷ ଭକ୍ତକବି ବଳରାମ ଦାସ ସ୍ୱରଚିତ ଲକ୍ଷ୍ମୀପୁରାଣରେ ବଳଦେବ ଠାକୁରଙ୍କ ମୁଖରେ ଶ୍ରୀଜଗନ୍ନାଥଙ୍କୁ ବଡଖିଆ ବୋଲି ସମ୍ବୋଧନ କରାଇଛନ୍ତି । ଲକ୍ଷ୍ମୀପୁରାଣରେ ଉଲ୍ଲେଖ ଅଛି-

ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ
ବଡଖିଆ ବୋଲି ତତେ କହନ୍ତି ଜଗତ

ସୁପ୍ରସିଦ୍ଧ ପାଲା ଗାୟକ ସ୍ୱର୍ଗତ ହରିନାଥଙ୍କ ରଚନା ଏ ସମ୍ପର୍କରେ କୁହେ-

ଦିନକୁ ଖାଉଛି ଷାଠିଏ ପଉଟି
ବୁଦ୍ଧି ହେଲା ତାର ବାମ
ଜଗତେ ବୋଲନ୍ତି ବଡଖିଆ ବୋଲି
ବଡଖିଆ ତାର ନାମ

ଶ୍ରୀଜଗନ୍ନାଥ ମହାପ୍ରଭୁ ଭୋଜନପ୍ରିୟ ଏହା ତାଙ୍କ ନୀତିକାନ୍ତିରୁ ଜଣାଯାଏ । ପ୍ରଭାତରେ ଗୋପାଳ ବଲ୍ଲଭ ଭୋଗରୁ ଆରମ୍ଭ କରି ରାତ୍ରରେ ବଡ ସିଂହାର ଭୋଗରେ ଶେଷ ହୋଇଥାଏ । ଶ୍ରୀମନ୍ଦିରରେ ନିତି ଛଅଥର ଭୋଗଲାଗି ହୋଇଥାଏ । ଭୋଗର ଆକାର ଷାଠିଏ ପଉଟି ଓ ଏହାର ପ୍ରକାର ଛପନ ଅଟେ । ତେଣୁ ଏହା ଛପନ ଭୋଗ ନାମରେ ପରିଚିତ । ଓଡିଆ ଜାତିର ଆରାଧ ଦେବତା ଓ ଓଡିଆମାନେ ଖାଦ୍ୟପ୍ରିୟ । ପଖାଳଠାରୁ ଆରମ୍ଭ କରି ବିଭିନ୍ନ ବିଭିନ୍ନ ଓଡିଆ ଖାଦ୍ୟ ଗୁଣବତ୍ତା, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତେଣୁ ଓଡିଆମାନେ ମାର୍ଚ୍ଚ ୨୦ ତାରିଖ ପଖାଳ ଦିବସ, ଅପ୍ରେଲ ୭ ତାରିଖ ବିଶ୍ୱ ବରା ଦିବସ, ଅପ୍ରେଲ ୧୦ ତାରିଖ ଛେନାପୋଡ ଦିବସ, ନୀଳାଦ୍ରିବିଜେ ଦିନ ରସଗୋଲା ଦିବସ, ମୁଢି ଦିବସ, ଦହିବରା ଦିବସ, ଶୁଖୁଆ ଦିବସ ଇତ୍ୟାଦି ଦିବସ ପାଳନ କରନ୍ତି । ଦୁତିଆ ଓଷା ପରବର୍ତ୍ତୀ ଦିନ ଘାଣ୍ଟ ପ୍ରସ୍ତୁତ କରାଯାଏ । ଏହା ଓଡିଆମାନଙ୍କର ନିଜସ୍ୱ ଖାଦ୍ୟ । ଘାଣ୍ଟ ତରକାରୀ ପରମ୍ପରା, ସମାଜ ଓ ଧର୍ମ, ସଂସ୍କୃତିକୁ ଯୋଡିବାରେ ସମର୍ଥ ହୋଇଛି । ଘାଣ୍ଟ ତରକାରୀ କେବଳ ଘରେ ଖିଆ ଯାଏ ନାହିଁ ସାହି, ପଡିଶା,ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ, ଆତ୍ମୀୟ ସ୍ୱଜନଙ୍କୁ ମଧ ବଣ୍ଟାଯାଏ । ପାରିବାରିକ ଓ ସାମାଜିକ ସମ୍ପର୍କକୁ ସୁଦୃଢ କରିବାରେ ଘାଣ୍ଟ ତରକାରୀର ଏକ ଭୂମିକା ରହିଛି, ଏହା ଅସ୍ୱୀକାର କରାଯାଇପାରିବ ନାହିଁ । ଘାଣ୍ଟ ତରକାରୀକୁ ସ୍ୱାଦିଷ୍ଟକରିବା ନିମନ୍ତେ ପରିବାରର ସଦସ୍ୟମାନେ ଅଧିକ ଯତ୍ନଶୀଳ, ହୋଇଥାନ୍ତି । କାହାଘରର ଘାଣ୍ଟ ତରକାରୀ କେତେ ସୁଆଦିଆ ଏ ସମ୍ପର୍କରେ ଗାଁ ଗଣ୍ଡାରେ ଚର୍ଚ୍ଚାର ପରିସରକୁ ଆସିଥାଏ । ଘାଣ୍ଟ ପ୍ରସ୍ତୁତିରେ ପ୍ରାୟ ସମସ୍ତ ପନିପରିବା ବ୍ୟବହାର କରାଯାଇଥାଏ । ତେଣୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ । ଗାଁରେ ଏକ ସୁନ୍ଦର ବୋଲି ଶୁଣିବାକୁ ମିଳିଥାଏ ପିଲାମାନଙ୍କ ଠାରୁ

ମଉସା ଦେ ପଇସା
ମାଉସୀ କରିବ ଦୁତିଆ ଓଷା

ଆଉ ମଧ ଜଣାଯାଏ ନୂଆ ବୋହୁ ମାନଙ୍କର ଘରୁ ଦୁତିଆଓଷା ପରିବା ଭାର ଆସିଥାଏ । ଏହା ଓଡିଆ ଘରର ଏକ ବୈବାହିକ ପରମ୍ପରା ବହୁ ଦିନରୁ ରହି ଆସିଅଛି । ସେହି ପରିବାରରେ ଘାଣ୍ଟ ପ୍ରସ୍ତୁତ କରାଯାଇ ସାହି କୁଟୁମ୍ବରେ ବଣ୍ଟାଯାଏ । ବର୍ଷା ଓ ଶୀତର ସନ୍ଧିକ୍ଷଣ ସମୟରେ ଘାଣ୍ଟ ପର୍ବର ଆୟୋଜନ ହୋଇଥାଏ । ତେଣୁ ବାଡି ବଗିଚାରେ ପନିପରିବା ପ୍ରଚୁର ପରିମାଣରେ ଥାଏ । ବୁଢା କାକୁଡି ଓ ଓଉ ଭଳି କେତେକ ପରିବା ଯାହା କେବେ ତରକାରିରେ ବ୍ୟବହାର ହୋଇନଥାଏ,ତାହା ମଧ ଘାଣ୍ଟରେ ପଡିଥାଏ । ଘାଣ୍ଟରେ ବ୍ୟବହାର କରାଯାଉଥିବା ପରିବା ଯଥା- କଖାରୁ, ପାଣିକଖାରୁ, କଞ୍ଚା କଦଳୀ, ଜହ୍ନି, ବାଇଗଣ, ସାରୁ, କନ୍ଦମୂଳ, ଦେଶୀଆଳୁ, ଗଜା ମୁଗ, ଗଜା ବୁଟ, କାଙ୍କଡ, ଶିମ୍ବ, ଝୁଡୁଙ୍ଗ, ମୂଳା ଆଦି ପରିବା, କୋରା ଓ କଟାନଡିଆ ମଧ ଘାଣ୍ଟ ତରକାରିରେ ପଡିଥାଏ । ବର୍ତ୍ତମାନ ସମୟରେ ଫୁଲ କୋବି, ଗାଜର, ବିନ୍, ମଟରଛୁଇଁ, ବିଲାତି ବାଇଗଣ ଆଦି ଘାଣ୍ଟରେ ବ୍ୟବହାର କରାଯାଉଅଛି । ଆମ ପୂର୍ବଜ ମାନଙ୍କର ଘାଣ୍ଟ ପ୍ରସ୍ତୁତି ପରିକଳ୍ପନା ଏହା ସାମାଜିକ ଓ ବୈଜ୍ଞାନିକ ଦୃଷ୍ଟି କୋଣରୁ ସୁଦୂର ପ୍ରସାରୀ ଓ ଯୁଗପୋଯୋଗୀ । ଏହି ଲୋକପ୍ରିୟ ପାରମ୍ପରିକ ଖାଦ୍ୟ ସମାଜର ସବୁ ଶ୍ରେଣୀର ଲୋକଙ୍କ ଦ୍ୱାରା ଆଦୃତ ଓ ଗ୍ରହଣୀୟତା ଲାଭ କରିଛି । ସ୍ୱାସ୍ଥ୍ୟଗତ କାରଣରୁ ଘାଣ୍ଟର ତାତ୍ପର୍ଯ୍ୟ ସର୍ବାଦୌ ଗୁରୁତ୍ୱ ବହନ କରିଥାଏ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଋତୁ କାଳିନ ପନିପରିବା ଖାଇବାକୁ ପରାମର୍ଶ ଦିଆଯାଇଥାଏ । ତେଣୁ ଘାଣ୍ଟ ତରକାରିରେ ପଡୁଥିବା ସମସ୍ତ ଋତୁକାଳୀନ ପରିବାରେ ଖାଦ୍ୟସାର, ଲୌହ, ଜିଙ୍କ୍, ଫାଇବର, ପଟାସିୟମ ଓ ଭିଟାମିନ୍ ଆଦି ରହିଥାଏ । ତେଣୁ ଏହା ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ ଉପଯୋଗୀ ଅଟେ । ବିଦ୍ୱାନମାନଙ୍କ ମତରେ ଦ୍ୱାପର ଯୁଗରେ ଗୋପୀମାନେ ଯମୁନା ବାଲିରେ ମୂର୍ତ୍ତି ଗଢି ଜଙ୍ଗଲରୁ ଫଳ, ମୂଳ, ଶାଗ, ସଂଗ୍ରହ କରି ସେଥିରେ ଘାଣ୍ଟ ପ୍ରସ୍ତୁତ କରି ଶ୍ରୀକୃଷ୍ଣଙ୍କୁ ଖାଇବାକୁ ଦେଇ ସନ୍ତୁଷ୍ଟ କରାନ୍ତି । କାଳକ୍ରମେ ଏହି ପରମ୍ପରା ପ୍ରଚଳିତ ହୋଇଆସୁଅଛି । ଭେଜି ବାଇଗଣ, ରସଗୋଲା ପରି ଘାଣ୍ଟ ତରକାରୀକୁ ଜିଆଇ ମାନ୍ୟତା ମିଳିବାର ଆବଶ୍ୟକତା ରହିଛି । ଦୁତିଆଓଷା ପରବର୍ତ୍ତୀ ଦିବସଙ୍କୁ ଘାଣ୍ଟ ଦିବସ ରୂପେ ପାଳନ କରିବା ନିମନ୍ତେ ସରକାରୀ ମାନ୍ୟତା ମିଳିବାର ଆବଶ୍ୟକତା ରହିଛି । ଆମ ସାଂସ୍କୃତିକ ବିଭବର ଅନ୍ୟତମ ପ୍ରତୀକ ଘାଣ୍ଟ ଯାହା ଅସ୍ମିତାର ବାର୍ତ୍ତାବହ ଅଟେ ।

# ଋଣ ଯନ୍ତାରେ ଓଡ଼ିଶା !



ଅସିତ ମହାନ୍ତି
ଆବାହକ, ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଅଗଷ୍ଟ ୨୦୨୬ ସୁଦ୍ଧା ଓଡ଼ିଶାର ମୋଟ ସାର୍ବଜନୀନ ଋଣ ୧,୨୩,୦୯୮ କୋଟିରେ ପହଞ୍ଚିଛି ଏବଂ ୨୦୨୭ ସୁଦ୍ଧା ଏହା ବୃଦ୍ଧି ପାଇ ୧,୪୮,୧୮୭ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହାର ଅର୍ଥ ହେଉଛି ପ୍ରତ୍ୟେକ ନାଗରିକ ହାରାହାରି ପ୍ରାୟ ୨୬,୦୦୦ ବୋଝ ବହନ କରନ୍ତି । ଏପରି ପରିସ୍ଥିତିରେ, ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି ବୋଲି ସରକାରଙ୍କ ଦାବି ଅଧା ସତ୍ୟ ପରି ମନେହୁଏ ।

ପ୍ରକୃତ ଋଣ ପରିସ୍ଥିତି-ଓଡ଼ିଶା ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି ଯେ ରାଜ୍ୟର ଋଣ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହା ୨୦୨୪ରେ ୯୬,୩୧୦ କୋଟି, ୨୦୨୫ରେ ୧,୨୨,୮୯୩ କୋଟି ଏବଂ ଅଗଷ୍ଟ ୨୦୨୬ ସୁଦ୍ଧା ୧,୨୩,୦୯୮ କୋଟି ଥିଲା । ଆକଳନ କରାଯାଉଛି ଯେ ୨୦୨୭ ସୁଦ୍ଧା ଏହା ୧,୪୮,୧୮୭ କୋଟିରେ ପହଞ୍ଚିବ । ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (GSDP)ର ପ୍ରାୟ ୧୩.୩୮% ହେବ, ଯାହା ବୈଷୟିକ ଭାବରେ FRBM ଆଇନର ସୀମା (୨୫%) ତଳେ ଅଛି, କିନ୍ତୁ ସାମାଜିକ ଦୃଷ୍ଟିକୋଣରୁ, ଏହି ବୋଝ ସିଧାସଳଖ ସାଧାରଣ ଜନତାଙ୍କୁ ପ୍ରଭାବିତ କରେ । ପ୍ରତି ମୁଣ୍ଡପିଛା ଋଣ ଭାର - ସରକାରୀ ତଥ୍ୟ ଦର୍ଶାଉଛି ଯେ ପ୍ରତି ମୁଣ୍ଡପିଛା ଋଣ ଭାର ୨୬,୦୩୭.୭୦ । ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ଭାବରେ ଏହି ପରିମାଣ ଋଣ କରିଛନ୍ତି, ବରଂ ଏହା ରାଜ୍ୟର ମୋଟ ଦାୟିତ୍ୱକୁ ଜନସଂଖ୍ୟା ଦ୍ୱାରା ଭାଗ କରି ଗଣନା କରାଯାଇଛି । ତଥାପି, ଏହା ପ୍ରତୀକାତ୍ମକ ଭାବରେ ସୂଚିତ କରେ ଯେ ପ୍ରତ୍ୟେକ ନବଜାତ ଶିଶୁ ମଧ ପ୍ରଥମ ଦିନରୁ ହଜାର ହଜାର ଟଙ୍କାର ବୋଝରେ ବୁଡ଼ି ରହିଛି ।

ବିକାଶ ବନାମ ଋଣ - ସରକାର ଦାବି କରୁଛନ୍ତି ଯେ ଏହି ଋଣକୁ ପୁଞ୍ଜି ନିବେଶରେ ବିନିଯୋଗ କରାଯାଉଛି ଏବଂ ରାଜ୍ୟର ଆର୍ଥିକ ସ୍ଥିତି 'ସୁଦୃଢ଼' । ନୀତି ଆୟୋଗ ରିପୋର୍ଟ ଋଣ ପରିଚାଳନାରେ ଓଡ଼ିଶାକୁ ଉଚ୍ଚ ମାର୍କ ଦେଇଛି । କିନ୍ତୁ ଏହା କେବଳ ଅଧା ସତ୍ୟ । ସତ୍ୟ ହେଉଛି ଯେ ଋଣର ଏକ ବଡ଼ ଅଂଶ ସୁଧ ପରିଶୋଧ ଏବଂ ପରିଶୋଧ ପାଇଁ ଯାଉଛି । ୨୦୨୬-୨୭ ବଜେଟରେ ସୁଧ ପାଇଁ ୮,୨୦୦ କୋଟି ଏବଂ ଋଣ ପରିଶୋଧ ପାଇଁ ୨୨,୦୦୦ କୋଟି ବ୍ୟୟବରାଦ କରାଯାଇଛି । ଏହାର ଅର୍ଥ ହେଉଛି ଯେ ସାଧାରଣ ଟିକସରୁ ପ୍ରାପ୍ତ ରାଜସ୍ୱର ଏକ ବଡ଼ ଅଂଶ ନୂତନ ବିକାଶ ପ୍ରକଳ୍ପ ପାଇଁ ନୁହେଁ, କେବଳ ପୁରୁଣା ଋଣ ପରିଶୋଧ ପାଇଁ ଖର୍ଚ୍ଚ ହେଉଛି ।

ଜନସାଧାରଣଙ୍କ ଉପରେ ପ୍ରଭାବ - ଯେତେବେଳେ ସରକାର ଦାବି କରନ୍ତି ଯେ ଋଣ 'ସ୍ଥାୟୀ', ସେତେବେଳେ ଏହା କେବଳ ବୈଷୟିକ ଭାଷାର ଆଶ୍ରୟ ନେଉଛି । ବାସ୍ତବତା ହେଉଛି: ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ବଜେଟ ସୀମିତ । ଗ୍ରାମାଞ୍ଚଳରେ ଭିତ୍ତିଭୂମିର ଅଭାବ ରହିଛି । ସାଧାରଣ ଜନତା ପରୋକ୍ଷ ଭାବରେ ମୁଦ୍ରାସ୍ଫୀତି ଏବଂ ଟିକସ ଆକାରରେ ଋଣର ବୋଝ ବହନ କରନ୍ତି । ସରକାରଙ୍କ 'ସତ୍ୟ' ଏବଂ 'ମିଛ' - ସରକାର ପ୍ରଚାର କରନ୍ତି ଯେ ଋଣ ନିବେଶ ପାଇଁ ଏକ ଉପକରଣ ଏବଂ ରାଜ୍ୟ ବିକାଶ ପଥରେ ଚାଲିଛି । କିନ୍ତୁ ଯେତେବେଳେ ପ୍ରତ୍ୟେକ ନାଗରିକ ହଜାର ହଜାର ଟଙ୍କାର ବୋଝରେ ବୁଡ଼ିଯାଏ ଏବଂ ବଜେଟର ଏକ ବଡ଼ ଅଂଶ ସୁଧ ପରିଶୋଧ ପାଇଁ ଖର୍ଚ୍ଚ ହୁଏ, ଏହି ଦାବି ଏକ ପ୍ରହସନ ।

ଓଡିଶାରେ ଦାରିଦ୍ର୍ୟ ଏବଂ ବେକାରୀର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ସରକାର ବିକାଶ ଏବଂ ନିବେଶ ବିଷୟରେ ବଡ଼ ବଡ଼ କଥା କୁହନ୍ତି, କିନ୍ତୁ ବାସ୍ତବତା ହେଉଛି ଯେ ରାଜ୍ୟର ସମ୍ପତ୍ତି ଘରୋଇ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରାଯାଇଛି, ଏବଂ ସାଧାରଣ ଜନତା ନିଯୁକ୍ତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ।

ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ମୋଟ ଘରୋଇ ଉତ୍ପାଦ ପ୍ରାୟ ?୯.୮୮ ଲକ୍ଷ କୋଟିରେ ପହଞ୍ଚିଛି, ଏବଂ ସରକାର ଏହାକୁ ବିକାଶର ଏକ ସଙ୍କେତ ବୋଲି କହୁଛନ୍ତି । କିନ୍ତୁ ଏହି ଚମକ୍ାର ସଂଖ୍ୟା ପଛରେ ଏକ ଅନ୍ଧକାର ସତ୍ୟ ରହିଛି । ରାଜ୍ୟର ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ସତ୍ତ୍ୱେ, ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସ୍ତର ଉଚ୍ଚ ରହିଛି । ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହାର ଜାତୀୟ ହାର ଅପେକ୍ଷା ଅଧିକ ରହିଛି । ନିଯୁକ୍ତି ପରିସ୍ଥିତି ଆହୁରି ଭୟଙ୍କର । ଏପ୍ରିଲ-ଜୁନ୍ ୨୦୨୬ର ସଦ୍ୟତମ PLFS (ପିରିଓଡିକ୍ ଲେବର ଫୋର୍ସ ସର୍ଭେ) ତଥ୍ୟ ଦର୍ଶାଉଛି ଯେ ଓଡ଼ିଶାରେ ଯୁବ ବେକାରୀ ହାର ୧୭.୨ %, ଯାହା ଜାତୀୟ ହାର ୧୫.୯% ଠାରୁ ଅଧିକ । ସହରାଞ୍ଚଳ ମହିଳାଙ୍କ ମଧ୍ୟରେ, ଏହି ହାର ୩୪.୧% ରେ ପହଞ୍ଚିଛି, ଅର୍ଥାତ୍ ପ୍ରତି ତିନି ଜଣ ଯୁବତୀଙ୍କ ମଧ୍ୟରୁ ଜଣେ ବେକାର । ଏହି ପରିସ୍ଥିତି ସୂଚାଇ ଦିଏ ଯେ ରାଜ୍ୟରେ ଶ୍ରମଶକ୍ତି ଅଂଶଗ୍ରହଣ ହାର ଉଚ୍ଚ ଅଛି, କିନ୍ତୁ ନିଯୁକ୍ତି ସୁଯୋଗର ଅଭାବ ରହିଛି । ଲୋକମାନେ କାମ କରିବାକୁ ଚାହାଁନ୍ତି, କିନ୍ତୁ ଚାକିରି ଉପଲବ୍ଧ ନୁହେଁ ।

ସରକାର ଦାବି କରନ୍ତି ଯେ ଘରୋଇ ନିବେଶ ଶିଳ୍ପ ଏବଂ ସେବାକୁ ବିସ୍ତାର କରିବ । କିନ୍ତୁ, ବାସ୍ତବତା ହେଉଛି ଯେ ଖଣିଜ, ଇସ୍ପାତ, ଆଲୁମିନିୟମ ଏବଂ ଶକ୍ତି ଭଳି କ୍ଷେତ୍ରରେ ନିବେଶ ଘରୋଇ କମ୍ପାନୀଗୁଡ଼ିକର ଲାଭ ପାଇଁ, ଜନସାଧାରଣଙ୍କ ହିତ ପାଇଁ ନୁହେଁ । ଯେତେବେଳେ ରାଷ୍ଟ୍ରାୟତ୍ତ ସମ୍ପତ୍ତି ଘରୋଇ ପୁଞ୍ଜିପତିଙ୍କ ହାତରେ ଦିଆଯାଏ, ସେମାନେ ନିଜ ଲାଭ ପାଇଁ ଉତ୍ପାଦନ ବୃଦ୍ଧି କରନ୍ତି କିନ୍ତୁ ନିଯୁକ୍ତି ସୃଷ୍ଟିକୁ ସୀମିତ କରନ୍ତି । ଫଳସ୍ୱରୂପ, ସାଧାରଣ ଜନତା ପର୍ଯ୍ୟାପ୍ତ ଚାକିରି ପାଆନ୍ତି ନାହିଁ କିମ୍ବା ସେମାନଙ୍କର ଜୀବନଧାରଣ ମାନରେ ଉନ୍ନତି ହୁଏ ନାହିଁ । ଗ୍ରାମାଞ୍ଚଳରେ କୃଷି ପରିସ୍ଥିତି ମଧ ସନ୍ତୋଷଜନକ ନୁହେଁ । ଯଦିଓ ସରକାର ବାଜରା, ମତ୍ସ୍ୟଚାଷ ଏବଂ ଜଳସେଚନ ଯୋଜନା ବିଷୟରେ କଥାବାର୍ତ୍ତା କରନ୍ତି, ଚାଷୀଙ୍କ ଆୟ ଅସ୍ଥିର ରହିଛି । କୃଷି ଅଭିବୃଦ୍ଧି ମାତ୍ର ୩.୩ % ହୋଇଛି, ଯାହା ଗ୍ରାମାଞ୍ଚଳ ଦାରିଦ୍ର୍ୟ ଦୂର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ଏହି ଅର୍ଥନୈତିକ ଗଠନର ସବୁଠାରୁ ବଡ଼ ଅସୁବିଧା ହେଉଛି ଜନସାଧାରଣ ଟିକସ ଏବଂ ମୁଦ୍ରାସ୍ଫୀତି ଆକାରରେ ବୋଝ ବହନ କରନ୍ତି, ଯେତେବେଳେ ଲାଭ ଘରୋଇ ଶିଳ୍ପପତିଙ୍କ ପକେଟକୁ ଯାଏ । ସରକାର ପ୍ରଚାର କରନ୍ତି ଯେ ଓଡ଼ିଶା ବିକାଶ ପଥରେ ଅଛି, କିନ୍ତୁ ଯେତେବେଳେ ପ୍ରତ୍ୟେକ ଯୁବକ ବେକାର ଏବଂ ପ୍ରତ୍ୟେକ ପରିବାର ଦାରିଦ୍ର୍ୟ ସହିତ ସଂଘର୍ଷ କରୁଛି, ଏହି ଦାବି ମିଥ୍ୟା ପ୍ରମାଣିତ ହୁଏ ।

ଓଡ଼ିଶାର ଋଣ ଭାର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ଆହୁରି ଖରାପ ହୋଇପାରେ । ରାଜ୍ୟ ବିକାଶ ପଥରେ ଆଗେଇ ଚାଲିଛି ବୋଲି ସରକାରଙ୍କ ଦାବି କେବଳ ଅଧା ସତ୍ୟ । ବାସ୍ତବତା ହେଉଛି ଯେ ଜନସାଧାରଣ ବିକାଶର ମୂଲ୍ୟ ଦେଉଛନ୍ତି - ପ୍ରତ୍ୟେକ ନବଜାତ ଶିଶୁ ହଜାର ହଜାର ଟଙ୍କାର ଋଣ ବୋଝରେ ବୁଡ଼ି ରହିଛି, ଏବଂ ପ୍ରତ୍ୟେକ ପରିବାର ଟିକସ ଏବଂ ମୁଦ୍ରାସ୍ଫୀତିରେ ବୁଡ଼ି ରହିଛି । ଏହି ପରିସ୍ଥିତି ଦର୍ଶାଉଛି ଯେ ସରକାରଙ୍କ ଆର୍ଥିକ ନୀତି ସ୍ୱଚ୍ଛ ନୁହେଁ ଏବଂ ଜନସାଧାରଣଙ୍କ କାନ୍ଧରେ ଭାରୀ ବୋଝ ଲଦି 'ବିକାଶ'ର ଦାବି କରାଯାଉଛି ।

# ବରିଷ୍ଠ ନାଗରିକ : ଦେଶର ସମ୍ପତ୍ତି



ନୀଳମୋହନ ତ୍ରିପାଠୀ
ସଂଗଠନ ସଂପାଦକ
ଓଡିଶା ଅବସରପ୍ରାପ୍ତ ପୋଲିସ
ପଦାଧିକାରୀ
କଲ୍ୟାଣ ସମିତି
ମୋ-୯୪୩୭୧୦୩୪୪୪

ସମାଜ ପାଇଁ ବରିଷ୍ଠ ନାଗରିକମାନଙ୍କର ଅବଦାନ ତାଙ୍କର ଅଭିଜ୍ଞତାକୁ ସମାଜର କଲ୍ୟାଣ ପାଇଁ ବିନିଯୋଗ କରିବା ନିମନ୍ତେ ଏବଂ ସେମାନଙ୍କର ନିରାମୟ ଜୀବନ ଯାପନ ପାଇଁ । ୧୯୯୦ମସିହା ଡିସେମ୍ବର ୧୪ ତାରିଖ ଦିନ ମିଳିତ ଜାତସଂଘର ସାଧାରଣ ପରିଷଦ ସଭାରେ, ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୧ ତାରିଖ ଦିନ ସବୁ ଦେଶ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରିବା ପାଇଁ ଏହାର ପ୍ରସ୍ତାବନଂ-୪୫।୧୦୪ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜାନୁୟାରୀ ତା୧-୧୦-୧୯୯୧ ମସିହାରେ ପ୍ରଥମ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା । ଚଳିତ ବର୍ଷ ମିଳିତ ଜାତିସଂଘର ବରିଷ୍ଠ ନାଗରିକଙ୍କ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ପ୍ରସଙ୍ଗ ହେଉଛି (ସୁସ୍ଥ ଓ ଦୀର୍ଘ ଆୟୁ) ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୭ ମସିହା, ୨୦୧୬ମସିହାରେ ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି । ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ, ନିରାମୟ ଜୀବନ ଯାପନ, ଆଇନଗତ ସୁରକ୍ଷା ଆଦି କାର୍ଯ୍ୟକାରୀ କରିବା ପାଇଁ ଏବଂ ବରିଷ୍ଠନାଗରିକଙ୍କୁ ସେମାନଙ୍କର ଅଧିକାର ବିଷୟରେ ସଚେତନ କରିବା ନିମନ୍ତେ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଗଠନ କରିଛନ୍ତି ଯାହାର ଦାୟିତ୍ୱରେ ଜଣେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି । ଏହି ବିଭାଗ ଲୋକସେବା ଭବନରେ କାର୍ଯ୍ୟ କରୁଅଛି । ଲୋକସେବା ଭବନକୁ ବିନା ପ୍ରବେଶ ପଥରେ ପ୍ରବେଶ କରିହେବନି । ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ବହୁ ସୁବିଧା ସୁଯୋଗ ଘୋଷଣା କରି କାର୍ଯ୍ୟକାରୀ କରାଉଛନ୍ତି । ବରିଷ୍ଠ ନାଗରିକମାନେ ସେମାନଙ୍କର ସମସ୍ୟା ଜଣାଇବାକୁ ଏହି ବିଭାଗକୁ ଯିବାପାଇଁ ପ୍ରବେଶ ପତ୍ର ସରଳୀକରଣ କିମ୍ବା ବିଭାଗକୁ ଲୋକସେବା ଭବନରୁ ବାହାରକୁ ସ୍ଥାନାନ୍ତର କଲେ ସେମାନେ ସେମାନଙ୍କର ସମସ୍ୟାମାନ ସୁବିଧାରେ ବିଭାଗ ପାଖରେ ପହଞ୍ଚାଇ ପାରନ୍ତେ,ଏହାଦ୍ୱାରା ସରକାର ଓ ବରିଷ୍ଠନାଗରିକ ମଧ୍ୟରେ ସୁସମ୍ପର୍କ ଆଦାନ ପ୍ରଦାନ ହୁଅନ୍ତା । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ମହୋଦୟ ତାଙ୍କର ବିଭାଗ ସର୍ନ୍ଦଭ ପତ୍ର ସଂଖ୍ୟା-୯୦୪୫୮୦୮-୦୯-୨୦୨୬ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ଅନ୍ତରାଷ୍ଟ୍ରିୟ ବରିଷ୍ଠ ନାଗରିକ ଦିବସ ପାଳନ କରିବାକୁ ମାର୍ଗଦର୍ଶନ କରିଛନ୍ତି । ଯାହାକି ରାଜ୍ୟ ସରକାରଙ୍କର ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ରତିବଦ୍ଧତା ପ୍ରମାଣ କରୁଛି । ଗତ ୧୮-୦୮-୨୦୨୬ ତାରିଖ ଦିନ ଭୁବନେଶ୍ୱର ଜୟଦେବ ଭବନଠାରେ ବୋଉ ଫାଉଣ୍ଡେସନ ଉଦ୍ୟମରେ ରାହା ମାଧ୍ୟମରେ ଭୁବନେଶ୍ୱର ମହାନିଗମ ସହଯୋଗରେ, ଭୁବନେଶ୍ୱର ସହରକୁ ବୟସ୍କ-ମିତ୍ର ସହର ଭାବେ ପରିଚିତ କରିବା ପାଇଁ ରାଜ୍ୟ ସ୍ତରୀୟ ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି, ଓଡିଶା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ଓଡିଶା ରାଜ୍ୟ ବରିଷ୍ଠ ନାଗରିକ ମହିଳାସଂଘମାନେ ମିଳିତ ଭାବେ ମାନ୍ୟବର ବିଧାୟକ ଶ୍ରୀ ବାବୁସିଂଙ୍କ ସଭାପତିତ୍ୱରେ ବୟୋଜ୍ୟେଷ୍ଠ ଉତ୍ସବର ଉଦ୍‌ଘାଟନ ଦିବସ ପାଳନ କରିଛନ୍ତି । ଏହି ବୟସ୍କ ସଂଗଠନଙ୍କ ସହଯୋଗରେ ବୟୋଜ୍ୟେଷ୍ଠମାନେ ଗଠନର ଅଭିନୟ, ନୃତ୍ୟ, ସଂଙ୍ଗୀତ, କାହାଣୀ ଓ କବିତା ପ୍ରତିଯୋଗିତାରେ ସେମାନଙ୍କର ନିପୁଣ ପ୍ରଦର୍ଶନ କରିଛନ୍ତି । ଏଥର ଅକ୍ଟୋବର ଏକ ତାରିଖ ଦିନ ଏହାର ଉଦ୍‌ଯାପନ ଦିବସ ଅନୁଷ୍ଠିତ ହେବ । ଯେଉଁଥିରେ ବରିଷ୍ଠ ନାଗରିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକମାନଙ୍କୁ ବିଜେତା ଘୋଷଣା କରାଯିବା ସହ ସମ୍ମାନ ପ୍ରଦାନ କରାଯିବ । ସେମାନଙ୍କର ମୁଳମନ୍ତ୍ର ହେବ ଦେଖେଣାହାରି ହେବୁନି ଆମେ, ଆମକୁ ଦେଖିବ ଏ ସମୟ ଓ ସମାଜ । ସେମାନେ ସେମାନଙ୍କର ମୁରବି ପଣିଆକୁ ନିଜେ ପ୍ରତିଷ୍ଠା କରିପାରିବେ । କାହାର ଦୟା ଓ ଅନୁଗ୍ରହରେ ନୁହେଁ । ବରିଷ୍ଠନାଗରିକମାନେ କୌଣସି ସାଂଗଠନିକ କିମ୍ବା ବ୍ୟକ୍ତିଗତ ସୁବିଧା ଓ ଅସୁବିଧାରେ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ଭେଟିବାକୁ ହେଲେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡେ । ବରିଷ୍ଠନାଗରିକମାନଙ୍କର କାର୍ଯ୍ୟକ୍ରମ ପ୍ରଚାର ଓ ପ୍ରସାର କରିବାରେ ଗଣ ମାଧ୍ୟମ ସହଯୋଗ ଓ ସହାୟତାର ହାତ ସଦା ସର୍ବଦା ବଢାଇଥାଏ । ସମାଜ ବରିଷ୍ଠ ନାଗରିକ ମାନଙ୍କୁ ତାଙ୍କର ଜୀବନ କାଳ ମଧ୍ୟରେ ବହୁତ କିଛି ଦେଇଛି । ତାର ପ୍ରତିଦାନରେ ବରିଷ୍ଠ ନାଗରିକମାନେ ନିଜକୁ ଅସହାୟ ନଭାବି, ପରିବାରର ସୁଗଠନ, ପରିବେଶ ସଚେତନତା, ବୃକ୍ଷରୋପଣ, ଆଧ୍ୟାତ୍ମିକ ପରିବେଶ ଆଦି ଗଠନ ମୂଳକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ସମାଜ ଉପକୃତ ହୁଅନ୍ତା । ନିଜ ଜନ୍ମମାଟିକୁ ନଭୁଲି "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ" ମନ୍ତ୍ରରେ ଉଦ୍‌ବୁଧ ହୋଇ ବରିଷ୍ଠ ନାଗରିକମାନେ ନିଜ ଜନ୍ମମାଟିରେ ସାମାଜିକ କାର୍ଯ୍ୟକ୍ରମ କଲେ ଆତ୍ମ ସନ୍ତୋଷ ଲାଭ କରନ୍ତେ । ଆମେ ବସୁଧୈବ କୁଟୁମ୍ବକମ କଥା ପ୍ରଚାର କରୁଛେ, କିନ୍ତୁ ଆମ ପରିବାରକୁ ଏକତ୍ର ରଖିବା ସମ୍ଭବ ହେଉନି । ଭୁବନେଶ୍ୱର ସହରରେ ସଭା ସମିତି କରି ବରିଷ୍ଠ ନାଗରିକଙ୍କ ଦାବି ଉପରେ ଓଜସ୍ୱିନୀ ଭାଷଣ ଦେଉଛେ । କିନ୍ତୁ ଗ୍ରାମାଞ୍ଚଳ ବରିଷ୍ଠ ନାଗରିକମାନେ ଯେଉଁ ଅବହେଳିତ ଅବସ୍ଥାରେ ଅଛନ୍ତି, ସେମାନଙ୍କୁ ସଚେତନ କରାଇବା ପାଇଁ ବରିଷ୍ଠ ନାଗରିକ ସଂଘ ମାନଙ୍କର ଉଦ୍ୟମ ଜାରି ରହୁ । ଚଳିତ ବର୍ଷ ବୋଉ ଫାଉଣ୍ଡେସନର ଉଦ୍ୟମ ଓ ରାଜ୍ୟ ବରିଷ୍ଠ ନାଗରିକ ସଂଘ ମାନଙ୍କ ସହଯୋଗରେ ବୟୋଜ୍ୟେଷ୍ଠ ମହୋତ୍ସବ ପାଳନ ଅତୀବ ପ୍ରଶଂସନୀୟ । ୟୁରୋପୀୟ ଦେଶମାନଙ୍କରେ ୮୦ବର୍ଷ ବୟସ ପରର ପୁରୁଷ ଓ ମହିଳା ସରକାରୀ ବସ ଚଳାଉଛନ୍ତି । ଜଣେ ମାତ୍ର ଚାଳକ, ଡ୍ରାଇଭର, କଣ୍ଡକ୍ଟର ଓ ସାହାଯ୍ୟକାରୀ ସବୁକାର୍ଯ୍ୟ କରୁଛନ୍ତି । ଆମେ ମଧ ଆତ୍ମବିଶ୍ୱାସର ସହ ସବୁକାର୍ଯ୍ୟ କରିପାରିବା । ଏହି ଆତ୍ମବିଶ୍ୱାସ, ବରିଷ୍ଠନାଗରିକ ସଂଘମାନେ ତାଙ୍କର ବିଭିନ୍ନ କାର୍ଯ୍ୟକଳାପରେ ବରିଷ୍ଠ ନାଗରିକମାନଙ୍କୁ ଦେଇ ପାରିବେ । ସୁସ୍ଥ ଓ ନିରାମୟ ଜୀବନ ଯାପନ କରିବା ପାଇଁ ୨୦୨୬ ମସିହାରେ ମିଳିତ ଜାତିସଂଘ ଦେଇଥିବା ପ୍ରସଙ୍ଗ ସୁସ୍ଥ ଓ ଦୀର୍ଘ ଆୟୁକୁ ବରିଷ୍ଠ ନାଗରିକ ସଂଘମାନେ ସଫଳତାର ସହ ପାଳନ କରିବେ ଏହାହିଁ ଜଗନ୍ନାଥଙ୍କ ନିକଟରେ କାମନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ତୀରନ୍ଦାଜିର ନୂଆ ନାୟିକା କୁମ୍‌କୁମ୍‌ଙ୍କୁ ଐତିହାସିକ ସ୍ୱର୍ଣ୍ଣ



**ନାଗୋୟା**

ଚଳିତ ଏସୀୟ କ୍ରୀଡ଼ାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ ପଦକ ଜିତି ଭାରତୀୟ ତୀରନ୍ଦାଜିରେ ନୂଆ ନାୟିକା ଭାବେ ଉଭା ହୋଇଛନ୍ତି ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ। ଶନିବାର ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ଏହି ଭାରତୀୟ ତୀରନ୍ଦାଜ ସ୍ୱର୍ଣ୍ଣ ଜିତି ଇତିହାସ ରଚିଛନ୍ତି। ଏଥିସହ ପ୍ରଥମ ଭାରତୀୟ ଭାବେ ସେ ଏସୀୟ କ୍ରୀଡ଼ା ତୀରନ୍ଦାଜି ରିକର୍ଭ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣଜିତିବାର ଗୌରବ ଅର୍ଜନ କରିଛନ୍ତି ଏବଂ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଟିକେଟ୍ ମଧ୍ୟ କରାୟତ୍ତ କରିଛନ୍ତି। ପୂର୍ବରୁ ଭାରତୀୟ ମହିଳା ଦଳ (ଅଙ୍କିତା ଭକତ, କୀର୍ତ୍ତି ଶର୍ମା) ସହ କୁମ୍‌କୁମ୍ ସ୍ୱର୍ଣ୍ଣ ଜିତିଥିଲା ବେଳେ ମିଶ୍ରିତ ଯୁଗଳରେ ଧୀରଜ ବୋମ୍ମାଦେବାରାଙ୍କ ସହ ଐତିହାସିକ ରୌପ୍ୟ ପାଇଥିଲେ।

ଶନିବାର କଡ଼ା ସଂଘର୍ଷ ପୂର୍ଣ୍ଣ ଫାଇନାଲ୍‌ରେ କୁମ୍‌କୁମ୍ ସୁଟ୍‌ଆଉଟ୍ (୬-୫)ରେ ଦକ୍ଷିଣ କୋରିଆର ଓ ୟେଜିନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚର ପ୍ରଥମ ଗେମ୍‌ରେ କୁମ୍‌କୁମ୍ ୦-୨ରେ ପଛରେ ପଡ଼ିଲା ପରେ ଦ୍ୱିତୀୟଟି ୧-୧ରେ ସରିଥିଲା। ତୃତୀୟକୁ କୁମ୍‌କୁମ୍ ୨-୦ରେ ଜିତି ସ୍ଥିତି ସମାନ କରିଥିଲେ। ଚତୁର୍ଥ ଗେମ୍‌କୁ ୟେଜିନ୍ ଓ ପଞ୍ଚମକୁ କୁମ୍‌କୁମ୍ ଜିତିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଶେଷରେ ଫଳାଫଳ ଲାଗି ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା। ଏଥିରେ କୁମ୍‌କୁମ୍ ନିଜ ତୀର ୧୦ ରିଙ୍ଗରେ ପହଞ୍ଚିଥିଲା ବେଳେ ୟେଜିନ୍ ୮ ରିଙ୍ଗରେ ବଜାଇ ପରାଜୟ ବରଣ କରିଥିଲେ। ପୂର୍ବରୁ ସେମିଫାଇନାଲ୍‌ରେ କୁମ୍‌କୁମ୍ ବିଶ୍ୱର ପୂର୍ବତନ ୧ ନମ୍ବର ବିଶ୍ୱ ରୌପ୍ୟ ବିଜେତା ଚୀନର ଜିଙ୍ଗୟି ଝୁଙ୍କୁ ଏବଂ କ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ ବିଜେତା ଦକ୍ଷିଣ କୋରିଆ ଖେଳାଳି କାଙ୍ଗ ଚାଏୟଙ୍ଗଙ୍କୁ ସମାନ ୬-୪, ୬-୪ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ। ଦୁଇ ଚୀନ୍ ଖେଳାଳିଙ୍କ ମଧ୍ୟରେ ହୋଇଥିବା କାଂସ୍ୟ ଲଢ଼େଇରେ ୟୁୟୋଇ ୬-୪ରେ ହୁଙ୍ଗ ଜିଙ୍ଗୟିଙ୍କୁ ହରାଇଥିଲେ।

ପୁରୁଷ ବ୍ୟକ୍ତିଗତ ବର୍ଗରେ ଦୁଇ ଭାରତୀୟ ମଧ୍ୟରେ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ନୀରଜ ଚୌହାନ ୬-୪ରେ ଧୀରଜଙ୍କୁ ହରାଇ କାଂସ୍ୟ ଜିତିଛନ୍ତି। ସେମିଫାଇନାଲ୍‌ରେ ନୀରଜ ୧-୭ରେ ଜାପାନର ଜୁନ୍ୟା ନାକାନିଶିଙ୍କଠୁ ଏବଂ ଧୀରଜ ୩-୭ରେ ଦକ୍ଷିଣ କୋରିଆର ଉସିଓକ୍ ଲି'ଙ୍କଠୁ ହାରି କାଂସ୍ୟ ପାଇଁ ଲଢ଼ିଥିଲେ। ପୂର୍ବରୁ କ୍ୱାର୍ଟରରେ ନୀରଜ ୭-୧ରେ ଭୁଟାନର ଲାମ ଦୋର୍ଜିଙ୍କୁ ଏବଂ ଧୀରଜ ୬-୨ରେ ଉଜ୍‌ବେକିସ୍ତାନର ଆମିରଖୋନ ସାଦିକୋଭ୍‌ଙ୍କୁ ପରାସ୍ତ କରିଥିଲେ। ଲି ୬-୨ରେ ନାକାନିଶିଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ।

# ଏସୀୟ କ୍ରୀଡ଼ା ହକିରେ ଐତିହାସିକ ବିଜୟ, ସ୍ୱର୍ଣ୍ଣ ହାତେଇଲା ଭାରତ



**ନୂଆଦିଲ୍ଲୀ**

ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ପୁରୁଷ ହକି ଦଳ ମାଲେସିଆକୁ ୫-୧ ଗୋଲ୍‌ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛି। ଏହି ବିଜୟ ସହ ଭାରତ ଲଗାତାର ଦ୍ୱିତୀୟ ଥର ଏସିଆନ ଗେମ୍ସ ପୁରୁଷ ହକିରେ ଚାମ୍ପିୟନ ହୋଇଛି।

ଏହି ବିଜୟ ସହ ଭାରତ ଲସ ଏଞ୍ଜେଲସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଛି।

ଫାଇନାଲ ମ୍ୟାଚ୍‌ରେ ମାଲେସିଆ ମାତ୍ର ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ଭାରତୀୟ ଦଳ କ୍ରମାଗତ ଭାବେ ମାଲେସିଆ ଖେଳାଳିଙ୍କୁ ଭୁଲ କରିବାକୁ ବାଧ୍ୟ କରିଥିଲା। ମ୍ୟାଚ୍‌ରେ ମୋଟ ୧୪ଟି ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା।

ପ୍ରଥମ ୧୫ ମିନିଟ୍‌ରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟର ୧-୧ ଗୋଲ୍‌ରେ ବରାବର ରହିଥିଲା। ଏହା ପରେ ମାଲେସିଆ ଆଉ ସମାନ ତାଳମେଳ ରଖିପାରି ନ ଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଗୋଲ ସ୍କୋର କରିଥିବା ବେଳେ ମାଲେସିଆ ଗୋଲ କରିବା ପାଇଁ ସଂଘର୍ଷ କରିଥିଲା। ଶିଳାନନ୍ଦ ଲାକ୍ରା ଭାରତ ପାଇଁ ଏକମାତ୍ର ଫିଲ୍ଡ ଗୋଲ ସ୍କୋର କରିଥିଲେ। ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରରୁ ଦୁଇଟି ଗୋଲ ଏବଂ ଯୁଗରାଜ ସିଂହ ମଧ୍ୟ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ସ୍କୋର କରିଥିଲେ। ହାର୍ଦ୍ଦିକ ସିଂହ ପେନାଲ୍ଟି ସଟ୍‌ରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷେ ୨୧ ସ୍ୱର୍ଣ୍ଣ ସହ ପଦକ ତାଲିକାରେ ଚତୁର୍ଥ ସ୍ଥାନକୁ ଭାରତ ଉନ୍ନୀତ ହୋଇଛି।

## ଭାରତୀୟ ମହିଳା ହକି ଦଳଙ୍କୁ ଓଡ଼ିଶା ସରକାରଙ୍କ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୨୦୨୬ ଏସିଆନ୍ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳର ଖେଳାଳିମାନଙ୍କ ପାଇଁ ୧୧-୧୧ ଲକ୍ଷ ଟଙ୍କା ଏବଂ ସହଯୋଗୀ ଷ୍ଟାଫ୍‌ଙ୍କ ପାଇଁ ୫.୫-୫.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦଳକୁ ଚମତ୍କାର ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ଖେଳାଳିମାନଙ୍କ ଦୃଢ଼ ସଂକଳ୍ପ, ପ୍ରତିବଦ୍ଧତା ଏବଂ ଉତ୍କୃଷ୍ଟ କ୍ରୀଡ଼ା ମନୋଭାବର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଦଳର ଏହି ସଫଳତା ଦେଶର ଗୌରବ ବଢ଼ାଇଛି।

# ଭାରତ ଜିତିଲା ୨୦ତମ ସ୍ୱର୍ଣ୍ଣ ପଦକ, କୁସ୍ତି ଫାଇନାଲରେ ଅମନ ସେହରାୱତ ବିଜୟ

**ନୂଆଦିଲ୍ଲୀ**

ଏସୀୟ କ୍ରୀଡ଼ାର ୧୪ତମ ଦିନ ଭାରତ ପାଇଁ ଏକ ଉଲ୍ଲେଖନୀୟ ଦିନ। ଅମନ ସେହରାୱତ ପୁରୁଷ ଫ୍ରିଷ୍ଟାଇଲ୍ ୫୭ କିଲୋଗ୍ରାମ ଫାଇନାଲରେ ବିଜୟୀ ହୋଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଛନ୍ତି। ସେ ଭାରତର ୨୦ତମ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଛନ୍ତି। ଅମନ ସମ୍ପୂର୍ଣ୍ଣ ମୁକାବିଲାରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସେ ପ୍ରାରମ୍ଭରେ ଅଗ୍ରଣୀ ନେଇଥିଲେ, କିନ୍ତୁ ମୁକାବିଲାର ମଧ୍ୟଭାଗରେ ତାଙ୍କର ଗତି ସାମାନ୍ୟ ହ୍ରାସ ପାଇଥିଲା, କିନ୍ତୁ ଉତ୍ତର କୋରିଆର ଖେଳାଳି ଏହାକୁ ପୂରଣ କରିପାରି ନଥିଲେ। ଅମନ ଶେଷରେ ୧୧-୭ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସୁଜିତ କାଲକାଲଙ୍କ ପରେ ଏହା ଭାରତର ଦ୍ୱିତୀୟ କୁସ୍ତି ସ୍ୱର୍ଣ୍ଣ ପଦକ। ୨୦୨୨ ଏସୀୟ କ୍ରୀଡ଼ାରେ ଅମନଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା, କିନ୍ତୁ ଏଥର ସେ ଏହାର ପୂରଣ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅମନ ପ୍ରାରମ୍ଭରେ ୨-୦ରେ ଅଗ୍ରଣୀ ନେଇଥିଲେ ଏବଂ କୋରିଆନ୍ ଖେଳାଳିଙ୍କ ଉପରେ ଚାପ ପକାଇଥିଲେ। ବିଶ୍ୱ ନମ୍ବର ୧ କୋରିଆନ୍ ଖେଳାଳି ଚୋଙ୍ଗ୍ ସୋଙ୍ଗ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଅମନଙ୍କୁ ସହଜରେ ଜିତିବାକୁ ଦେଇ ନଥିଲେ।

ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର ଗୋଟିଏ ମିନିଟ୍ ବାକି ଥିଲା। ଚଙ୍ଗ୍ ସୋଙ୍ଗ୍ ୭-୬ରେ ଆଗୁଆ ଥିଲେ। ସେ ତାଙ୍କର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ମନେ ହେଉଥିଲା ଯେ ଅମନ ପଛରେ ପଡ଼ିଯିବେ, କିନ୍ତୁ ତାହା ହୋଇନଥିଲା। ଅମନ ପ୍ରତିଆକ୍ରମଣ କରିଥିଲେ ଏବଂ ଦୁଇଟି ପଏଣ୍ଟ ଅର୍ଜନ କରିଥିଲେ। ଶେଷରେ ଅମନ ୧୧-୭ରେ କୋରିଆନ୍ ଖେଳାଳିଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତ ଏପର୍ଯ୍ୟନ୍ତ ୨୦ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଏବଂ ୩୬ଟି କାଂସ୍ୟ ପଦକ ଜିତିଛି।

# ଇତିହାସ ରଚିଲେ ପ୍ରଣବୀ: ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ମହିଳା ଗଲଫର



**ନାଗୋୟା**

ମହିଳା ଗଲଫରେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି ୨୩ ବର୍ଷୀୟା ପ୍ରଣବୀ ଉର୍ସ। ଶନିବାର ଅନ୍ତିମ ରାଉଣ୍ଡରେ ମାତ୍ର ଗୋଟିଏ ଷ୍ଟ୍ରୋକର ଅଗ୍ରଣୀ ବଜାୟ ରଖି ସେ ଏସୀୟ କ୍ରୀଡ଼ାରେ ପ୍ରଥମ ଭାରତୀୟ ମହିଳା ଗଲଫର ଭାବେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଣବୀଙ୍କ ଏହି ସଫଳତା ବଳରେ ଭାରତୀୟ ମହିଳା ଦଳ ରୌପ୍ୟ ଜିତିବାକୁ ସକ୍ଷମ ହୋଇଛି। ତୃତୀୟ ହୋଲ୍‌ରେ ଟ୍ରିପଲ୍ ବୋଗି କରି ପ୍ରଣବୀ ରାତିରୁ ରହିଥିବା ତିନି ଷ୍ଟ୍ରୋକର ଅଗ୍ରଣୀ ହରାଇଥିଲେ। ତେବେ ଚାପରେ ଭାଙ୍ଗି ନ ପଡ଼ି ସେ ୩ଟି ବର୍ଡି କରି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ତିମ ରାଉଣ୍ଡରେ ପ୍ରଣବୀ ପାର ସ୍କୋର ୭୦ କରିଥିଲେ। ୪ଦିନିଆ ଏହି ମ୍ୟାଚ୍‌ରେ ସେ ମୋଟ ୧୫-ଅଣ୍ଡର-ପାର୍ ୨୬୫ ସ୍କୋର୍ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

୨୦୦୨ରେ ଶିବ କପୁର (ପୁରୁଷ ବ୍ୟକ୍ତିଗତ)ଙ୍କ ପରେ ଏହା ଗଲଫରେ ଭାରତର ପ୍ରଥମ ସ୍ୱର୍ଣ୍ଣ। ପ୍ରଣବୀଙ୍କ ପଛକୁ ଚୀନ୍‌ର ୟିନ୍ ରୁଓନିଙ୍ଗ ଓ ସିଙ୍ଗାପୁରର ସାନନ୍ ଟାନ୍ ସମାନ ୨୬୬ ସ୍କୋର୍ କରି ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପାଇଥିଲେ। ଅଲିମ୍ପିଆନ୍ ଅଦିତି ଅଶୋକ (୨୮୨) ୧୪ତମ ଓ ଦୀକ୍ଷା ଡାଗର (୨୯୨) ୨୩ତମ ସ୍ଥାନରେ ରହିଥିଲେ। ତେବେ ପ୍ରଣବୀ, ଅଦିତି ଓ ଦୀକ୍ଷାଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ମୋଟ ୧୪-ଅଣ୍ଡର-ପାର୍ ୫୪୬ ସ୍କୋର ସହ ଦଳଗତ ବର୍ଗରେ ରୌପ୍ୟ ଜିତିଥିଲା। ଚୀନ୍ ୨୨-ଅଣ୍ଡର-ପାର୍ ୫୩୮ ସହ ସ୍ୱର୍ଣ୍ଣ ଏବଂ ଚାଇନିଜ୍ ତାଇପେ ୧୦-ଅଣ୍ଡର-୫୫୦ ସ୍କୋର୍ ସହ କାଂସ୍ୟ ପଦକ ପାଇଥିଲା। ୧୯୮୨ ପରେ ଗଲଫରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ। ପ୍ରଥମ ସଂସ୍କରଣରେ ଭାରତକୁ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ମିଳିଥିଲା। ବ୍ୟକ୍ତିଗତ ବର୍ଗରେ ଲକ୍ଷ୍ମଣ ସିଂହ ସ୍ୱର୍ଣ୍ଣ ଓ ରାଜୀବ ମେହଟା ରୌପ୍ୟ ଜିତିଥିଲେ। ଦଳଗତରେ ଏହି ଦୁଇ ଜଣଙ୍କ ସହ ଋଷି ନାରାୟଣ ଓ ଅମିତ ଲୋଥ୍ରାଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣ ଜିତିଥିଲା।

# ଡୋପ୍ ଟେଷ୍ଟରେ ଯଶ ଚୌହାନ ବିଫଳ



**ନାଗୋୟା**

ଭାରତୀୟ କୁରାଶ ଖେଳାଳି ଯଶ କୁମାର ଚୌହାନ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଏସୀୟ କ୍ରୀଡ଼ା ବେଳେ ତାଙ୍କଠୁ ସେପ୍ଟେମ୍ବର ୨୭ରେ ନିଆଯାଇଥିବା ନମୁନାରେ ସେ ନିଷିଦ୍ଧ ଔଷଧ ସେବନ କରିଥିବା ଜଣାପଡ଼ିଥିଲା। ଫଳରେ ତାଙ୍କୁ ସାମୟିକ ଭାବେ ନିଲମ୍ବନ କରାଯାଇଛି ବୋଲି ଏସୀୟ ଅଲିମ୍ପିକ୍ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ମାମଲାର ସମାଧାନ ନହେବା ପର୍ଯ୍ୟନ୍ତ ସେ ପ୍ରତିଯୋଗିତା, ପ୍ରଶିକ୍ଷଣରେ ଭାଗ ନେଇପାରିବେ ନାହିଁ। ଯଶ ନିଲମ୍ବନ ବିରୋଧରେ ଆବେଦନ କରିବା ସହ ବି-ସାମ୍ପଲ ପରୀକ୍ଷା ପାଇଁ ଅନୁରୋଧ କରିପାରିବେ। ଚଳିତ ଏସୀୟ କ୍ରୀଡ଼ା କୁରାଶରେ ସେ ୯୦ କିଲୋଗ୍ରାମ୍ ରାଉଣ୍ଡ-୧୬ରେ ତାଜିକିସ୍ତାନର ମିରମାମାଦୋଭ୍ ଶକର୍ମାମାଦଙ୍କଠୁ ହାରି ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ। ଏହି ପ୍ରତିଯୋଗିତାର କୁରାଶରେ କେବଳ ପିଙ୍କି ବଲହାରା (ମହିଳା ୭୮ କିଲୋଗ୍ରାମ୍) ଭାରତ ପାଇଁ କାଂସ୍ୟ ଜିତିଥିଲେ।

# ଭାରତୀୟ ଫୁଟବଲ ପାଇଁ ବଡ଼ ଦିନ: କୋଲକାତାରେ ବ୍ରାଜିଲ ମାନିଆ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଫୁଟବଲ ପାଇଁ ଶନିବାର ହୋଉଛି ବହୁତ ବଡ଼ ଦିନ। ଆସନ୍ତାକାଲି ଭାରତ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଫୁଟବଲ ଦଳ ବ୍ରାଜିଲ ବିପକ୍ଷରେ ପ୍ରଥମ ଥର ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଛି। ଏହି ମ୍ୟାଚ୍ କୋଲକାତାର ସଲଟଲେକ୍ ଷ୍ଟାଡିୟମ୍‌ରେ ଖେଳାଯିବ। କେବେ ବି ଫିଫା ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରି ନଥିବା ଭାରତ ୨୦୨୭ ଏସିଆନ୍ ଯୋଗ୍ୟତାରେ ବିଫଳ ହୋଇଛି। ସବୁଠାରୁ ବଡ଼ କଥା ହେଉଛି ବ୍ରାଜିଲ୍ ସହ ଫ୍ରେଣ୍ଡଲି ଖେଳିବାକୁ ଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫଏଫ) ଏସିଆନ୍ କପରୁ ଓହରିଯିବା ଭଳି ସାହସିକ ନିଷ୍ପତ୍ତି ନେଇଥିଲା। ଭାରତୀୟ ଖେଳାଳିଙ୍କୁ ବଡ଼ ମଞ୍ଚ ଓ ଅଭିଜ୍ଞତା ପ୍ରଦାନ କରିବା ଅସଲ ଉଦ୍ଦେଶ୍ୟ ରହିଛି। କେବଳ ବ୍ରାଜିଲ୍ ନୁହେଁ ଅନ୍ୟତମ ବିଶ୍ୱକପ୍ ଦଳ ଉରୁଗୁଏ ବିପକ୍ଷରେ ମଧ୍ୟ ସଲଟଲେକ୍ ଷ୍ଟାଡିୟମ୍‌ରେ ଅକ୍ଟୋବର ୬ ତାରିଖରେ ଆଉ ଏକ ଫ୍ରେଣ୍ଡଲି ଖେଳିବ। ସେପ୍ଟେମ୍ବର ୨୫ରେ ବେଙ୍ଗାଲୁରୁରେ ପାନାମା ବିପକ୍ଷ ମୁକାବିଲାକୁ ୧-୧ରେ ଡ୍ର' ରଖିଥିବାରୁ ଖାଲିଦ ଜମିଲଙ୍କ ଦଳ କିଛିଟା ଆତ୍ମବିଶ୍ୱାସ ରଖିଛି। ଜମିଲ୍ କିନ୍ତୁ ଶୁକ୍ରବାର ସ୍ୱୀକାର କରିଛନ୍ତି ଭାରତୀୟ ଖେଳାଳି ଭୟ ଓ ଚାପରେ ଅଛନ୍ତି। ସେମାନଙ୍କୁ ନିଜ ନିଜ ଦାୟିତ୍ୱ ତୁଲାଇବାକୁ ଜମିଲ ପରାମର୍ଶ ଦେଇଛନ୍ତି। ବ୍ରାଜିଲ୍ ମଧ୍ୟ ଅଷ୍ଟ୍ରେଲିଆ



ବିପକ୍ଷରେ ବିଜୟୀ ହୋଇ ଭାରତକୁ ଆସିଥିବାରୁ ଲୟରେ ରହିଛି। 'ବ୍ରାଜିଲ୍ ବିପକ୍ଷରେ ସରଳ ଭାବେ ଖେଳିବାକୁ ପଡ଼ିବ। ମୌଳିକ ଫୁଟବଲ୍ ଖେଳିବାକୁ ହେବ ଏବଂ ଭୁଲ ନକଲେ ଭଲ। ନଚେତ୍ ଏଥି ପାଇଁ ମୂଲ୍ୟ ଦେବାକୁ ପଡ଼ିବ' ବୋଲି କହିଛନ୍ତି ଭାରତୀୟ ଦଳର କୁଏତୀୟ ପ୍ରଶିକ୍ଷକ ଖାଲିଦ ଜମିଲ।

ଭାରତ ଓ ବ୍ରାଜିଲ୍ ଦଳ କେବେ ପରସ୍ପରକୁ ଭେଟି ନଥିଲେ। ନିକଟ ଅତୀତରେ କିନ୍ତୁ ଉଭୟ ଦଳର ଶେଷ ୫ ମୁକାବିଲା ଉପରେ ଆସନ୍ତୁ ନଜର ପକାଇନେବା। ଭାରତ ନିଜର ଶେଷ ୫ ଅନ୍ତର୍ଜାତୀୟ ମୁକାବିଲାରେ ବିଜୟଶୂନ୍ୟ ରହିଛି। ୩ ହାରି ଦୁଇଟି ଡ୍ର ରଖିଛି। ବ୍ରାଜିଲ୍ କିନ୍ତୁ ୫ଟିରୁ ୩ ବିଜୟ ସହ ଗୋଟିଏ ଲେଖାଏଁ ପରାଜୟ ଓ ଡ୍ର' ପାଇଛି। ଏକମାତ୍ର ପରାଜୟ ଦଳ ନରୱେ ବିପକ୍ଷ ବିଶ୍ୱକପ୍ ପ୍ରି-କ୍ୱାର୍ଟରଫାଇନାଲ୍‌ରେ ବରଣ କରିଥିଲା। ଭାରତୀୟ ଦଳ: ଗୋଲି-ଗୁରପ୍ରୀତ୍ ସିଂହ ସାନ୍ଧୁ (ଅଧିନାୟକ), ଅଲବିନୋ ଗୋମ୍ସ, ପ୍ରଭସୁଖନ ସିଂହ ଗିଲ, ସୋମ କୁମାର। ଡିଫେଣ୍ଡର ଅଭିଷେକ ସିଂହ ଟେକଚାମ, ବିଜୟ ଭର୍ଗିସ୍, ଅନୱାର ଅଲୀ, ଆକାଶ ମିଶ୍ରା, ହମିଙ୍ଗମାୱିଆ ରାଲତେ, ଜୟ ଗୁପ୍ତା, ପରମବୀର, ରିକି ମିତେଇ ହାଓବାମ। ମିଡଫିଲ୍ଡର- ଅନିରୁଦ୍ଧ ଥାପ୍ପା, ଆଶିକ କୁରୁନିୟାଁ, ଫାରୁକ ଚୌଧୁରୀ, ଲାଲେଙ୍ଗମାୱିଆ ରାଲତେ, ମାକାର୍ଟନ ନିକସନ୍, ମହମ୍ମଦ ସନମ, ରିକି ଶାବଙ୍ଗ, ସହଲ ଅବଦୁଲ ସମାଦ, ଫରୱାର୍ଡସ:ଏଡମଣ୍ଡ ଲାଲରିଣ୍ଡିକା, ଇର୍ଫାନ୍ ୟାଦୱାଦ୍, ମାନବୀର ସିଂହ, ରହିମ ଅଲୀ, ରାନ୍ ୱିଲିୟମ୍ସ, ବିକ୍ରମ ପ୍ରତାପ ସିଂହ।

ବ୍ରାଜିଲ୍ ଦଳ: ଗୋଲି-ହୁଗୋ ସୁଜା, ପେଡ୍ରୋ ମୋରିସ୍କୋ, ଓଟାଭିଓ। ଡିଫେଣ୍ଡର୍ସ: ଗାବ୍ରିଏଲ୍ ମଗଲହାଇସ, ମାର୍କିବିନୋସ (ଅଧିନାୟକ), ଭିଟର୍ ରେଇସ, ଜାୟର, ୱେସଲୀ, ମୌରୋ ଜୁନିୟର, ଆର୍ଥର ଡାୟସ, ଡଗଲାସ ସାଣ୍ଟୋସ୍, ମାଥେଜିନୋ। ମିଡଫିଲ୍ଡର୍ସ: ଆଣ୍ଡର ସାଣ୍ଟୋସ, ଗାବ୍ରିଏଲ୍ ବୋଣ୍ଟୋମ୍ପୋ, ବ୍ରୁନୋ ଗୁଇମାରାଇସ୍, ଡଗଲାଓ ଲୁଇସ, ବ୍ରେନୋ ବିଡନ୍। ଫରୱାର୍ଡସ: ଭିନିସିୟସ ଜୁନିୟର,ଏଣ୍ଡ୍ରିକ୍, ଏଷ୍ଟିଭାଓ, ରାୟନ, ପେଡ୍ରୋ, ସାମୁଏଲ ଲିନୋ, ଗାବ୍ରିଏଲ୍ ମାର୍ଟିନେଲି।

# ରଣଜୀ ଟ୍ରଫି ପାଇଁ ଇଷ୍ଟ କୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଭାରତୀୟ ରେଳ କ୍ରିକେଟ୍ ଦଳ ଚୂଡ଼ାନ୍ତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧାରୋଡ ମଣ୍ଡଳ ଅଧୀନସ୍ଥ ଇଷ୍ଟ କୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଖୋର୍ଦ୍ଧାରୋଡ ରେଳବାଇ ଷ୍ଟାଡିୟମ୍‌ରେ ଭାରତୀୟ ରେଳ ପୁରୁଷ କ୍ରିକେଟ୍ ଦଳର ଚୟନ ପ୍ରକ୍ରିୟା ଓ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଚୟନିତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଓ ତାଙ୍କର ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଜି ଷ୍ଟାଡିୟମ୍ ପରିସରରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା।

ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ/ ଇନ୍‌ଫ୍ରା ରାଜଧାରୀ ଯାଦବ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା ମଣ୍ଡଳ କ୍ରୀଡ଼ା ଅଧିକାରୀ ଅନିଲ କୁମାର ଏସ୍., ବରିଷ୍ଠ ମଣ୍ଡଳ ଇଞ୍ଜିନିୟର/ସମନ୍ୱୟ ପଙ୍କଜ ନାଗୱାନୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ଆଗାମୀ ରଣଜୀ ଟ୍ରଫି ପାଇଁ ଶୁଭେଚ୍ଛା ଜଣାଇବା ସହ ଦଳର ସଫଳତା ପାଇଁ ଉତ୍ସାହ ଓ ଆତ୍ମବିଶ୍ୱାସର ସହ ଖେଳିବାକୁ ପ୍ରେରଣା ଦେଇଥିଲେ। ସେ ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ କ୍ରୀଡ଼ା ପ୍ରତିଭାର ବିକାଶ ଓ ପ୍ରୋତ୍ସାହନ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଥିଲେ

ରଣଜୀ ଟ୍ରଫିରେ ଅଂଶଗ୍ରହଣ ପାଇଁ ଚୂଡ଼ାନ୍ତ ଦଳ ଖୁବଶୀଘ୍ର ଯାତ୍ରା କରିବ। ଭାରତୀୟ ରେଳ ଦଳ ଆସନ୍ତା ୧୧ ଅକ୍ଟୋବର ୨୦୨୬ରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରାଖଣ୍ଡରେ ନିଜର ପ୍ରଥମ ରଣଜୀ ଟ୍ରଫି ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ।

ଡି. ସୁନୀଲ ଖୋର୍ଦ୍ଧାରୋଡ ରେଳବାଇ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ଶିବିର ପାଇଁ ଇସିଓଆରଏସ୍‌ଏ ପକ୍ଷରୁ କରାଯାଇଥିବା ସୁବ୍ୟବସ୍ଥିତ ଆୟୋଜନକୁ ପ୍ରଶଂସା କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଖେଳାଳିମାନଙ୍କୁ ଆଗାମୀ ପ୍ରତିଯୋଗିତା ପାଇଁ ଉପଯୁକ୍ତ ଭାବେ ପ୍ରସ୍ତୁତ କରାଯାଇଥିବା ସେ ଉଲ୍ଲେଖ କରିଥିଲେ।

ଅନିଲ କୁମାର ଏସ୍. କହିଥିଲେ ଯେ, ପ୍ରଶିକ୍ଷଣ ଶିବିରରେ ଖେଳାଳିମାନଙ୍କ ଶାରୀରିକ ସକ୍ଷମତା, ଖେଳ ଦକ୍ଷତା, ଦଳଗତ ସମନ୍ୱୟ ଏବଂ ରଣନୀତିକ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଘରୋଇ କ୍ରିକେଟ୍ ଋତୁରେ ଭାରତୀୟ ରେଳ ଦଳ ଉତ୍ତମ ପ୍ରଦର୍ଶନ କରିବା ନେଇ ସେ ଆଶା ପ୍ରକାଶ କରିଥିଲେ।

ଭାରତୀୟ ରେଳରେ କ୍ରୀଡ଼ା ପ୍ରତିଭାର ବିକାଶ, ଖେଳାଳିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଓ ଆବଶ୍ୟକ ସୁଯୋଗ ପ୍ରଦାନ, ତଥା ଜାତୀୟସ୍ତରରେ ରେଳ କ୍ରୀଡ଼ାର ଗୌରବ ବୃଦ୍ଧି ନିମନ୍ତେ ଏଭଳି ପ୍ରୟାସ ନିରନ୍ତର ଜାରି ରହିବ।

## ପଞ୍ଚମ କୌଟିଲ୍ୟ ଆର୍ଥିକ ସମ୍ମିଳନୀରେ ଉଦବୋଧନ ଦେଲେ ଡକ୍ଟର ପି.କେ. ମିଶ୍ର

# ଭାରତର ଘରୋଇ କ୍ଷମତା, ବିବିଧତା ଏବଂ ଖୋଲାପଣ ଉପରେ ଦେଶର ଆର୍ଥିକ ଦୃଢ଼ତା ନିର୍ଭରଶୀଳ

**ନୂଆଦିଲ୍ଲୀ : ପିଆଇବି**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଶନିବାର ନୂଆଦିଲ୍ଲୀରେ ପଞ୍ଚମ କୌଟିଲ୍ୟ ଆର୍ଥିକ ସମ୍ମିଳନୀରେ ଉଦବୋଧନ ଦେଇଛନ୍ତି। ''ଏ ୱାର୍ଲ୍ଡ ପ୍ରାଇସଡ୍ ଫର୍ ରିସ୍କ'' ବା ବିପଦ ହିସାବରେ ବିଶ୍ୱରେ ମୂଲ୍ୟ ନିର୍ଦ୍ଧାରଣ- ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଅଧିବେଶନରେ ଡକ୍ଟର ମିଶ୍ର ବକ୍ତବ୍ୟ ରଖିଛନ୍ତି । ସେ ତାଙ୍କର ଉଦବୋଧନରେ ବିଶ୍ୱ ଅର୍ଥବ୍ୟବସ୍ଥାରେ ଅନିଶ୍ଚିତା ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ଦୃଢ଼ତା, ବିବିଧତା ଏବଂ ରଣନୀତିକ ପ୍ରସ୍ତୁତିର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତ ରଖିଛନ୍ତି ।

ଡକ୍ଟର ମିଶ୍ର କହିଥିଲେ, ଆର୍ଥିକ ବିପଦର ପ୍ରକୃତି ଉଲ୍ଲେଖନୀୟ ଭାବେ ବଦଳିଛି । ସମ୍ପ୍ରତି ବିଶ୍ୱ କେବଳ ସାଧାରଣ ଆକଳନଯୋଗ୍ୟ ବିପଦର ସାମ୍ନା କରୁନାହିଁ, ବରଂ ଏପରି ଅନିଶ୍ଚିତତାର ସାମ୍ନା କରୁଛି ଯାହାର ନିର୍ଦ୍ଦିଷ୍ଟ ସମ୍ଭାବନା ଉପରେ ଭରସା କରିହେବ ନାହିଁ । ମହାମାରୀ, ଭୂରାଜନୈତିକ ସଂଘର୍ଷ, ଯୋଗାଣ ଶୃଙ୍ଖଳ ବାଧା, ବାଣିଜ୍ୟିକ କଟକଣା ଏବଂ ଦ୍ରୁତ ଗତିରେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଏହି ସମସ୍ୟାକୁ ଅଧିକ ସ୍ପଷ୍ଟ ରୂପେ ଉଜାଗର କରିଛି ।

ଡକ୍ଟର ମିଶ୍ର କହିଥିଲେ, ପ୍ରଯୁକ୍ତିବିଦ୍ୟା ଆସିବା ଫଳରେ ଭୂଗୋଳର ସ୍ଥିତି ଅପ୍ରାସଙ୍ଗିକ ହୋଇପଡ଼ିଛି ବୋଲି ଏକଦା ବିଚାର କରାଯାଉଥିଲା । ସମ୍ପ୍ରତି ଏହା ଆର୍ଥିକ ନିଷ୍ପତ୍ତି ପ୍ରକ୍ରିୟାର କେନ୍ଦ୍ରକୁ ଚାଲିଆସିଛି। ଜାହାଜ ଚଳାଚଳ ମାର୍ଗରେ ପ୍ରତିବନ୍ଧକ ହଜାର ହଜାର କିଲୋମିଟର ଦୂରରେ ଇନ୍ଧନ ମୂଲ୍ୟକୁ ପ୍ରଭାବିତ କରିପାରେ । ଅନ୍ୟପଟେ ଗୋଟିଏ ଜାଗାରେ ଗୁରୁତ୍ୱପୂର୍ଣ୍ଣ ଖଣିଜକେନ୍ଦ୍ରୀତ ହେବା ଏବଂ ସେଗୁଡ଼ିକର ପ୍ରକ୍ରିୟାକରଣ ନୂଆ ବିପଦ ସୃଷ୍ଟି କରିଛି। ସେହିପରି ସ୍ୱଚ୍ଛ ଶକ୍ତି ଦିଗରେ ପରିବର୍ତ୍ତନ ମଧ୍ୟ ନୂଆ ପ୍ରକାରର ରଣନୀତିକ ନିର୍ଭରଶୀଳତା ଆଣିଛି ଯାହାର ସମାଧାନ କରିବା ଅତ୍ୟନ୍ତ ଜରୁରି ହୋଇପଡ଼ିଛି ।

ଡକ୍ଟର ମିଶ୍ର କହିଥିଲେ, ଅନିଶ୍ଚିତତା ଆର୍ଥିକ ଆଚରଣରେ ପରିବର୍ତ୍ତନ ଆଣିଛି। ଫାର୍ମଗୁଡ଼ିକ ଭିନ୍ନ ଭିନ୍ନ ଯୋଗାଣକାରୀଙ୍କ ଉପରେ ନିର୍ଭର କରୁଛନ୍ତି, ମହଜୁଦ ସାମଗ୍ରୀର ହିସାବ ବଜାୟ ରଖୁଛନ୍ତି ଏବଂ ବିକଳ୍ପ ଉତ୍ପାଦନ କ୍ଷମତା ବିକଶିତ କରୁଛନ୍ତି । ଅନ୍ୟପଟେ ସରକାର ଭଣ୍ଡାର, ବିତ୍ତୀୟ ସଞ୍ଚୟ ଏବଂ ରଣନୀତିକ କ୍ଷମତାକୁ ମଜବୁତ





କରୁଛନ୍ତି । ଦୃଢ଼ତା ମାଗଣାରେ ଆସେ ନାହିଁ । ତେବେ ମୁଖ୍ୟ ଆର୍ଥିକ ପ୍ରଶ୍ନ ହେଉଛି, ସମ୍ଭାବ୍ୟ ବ୍ୟାଘାତକୁ ଏଡ଼ାଇବା ଲାଗି ଦୃଢ଼ତା ବଜାୟ ରଖିବା ନିମନ୍ତେ ଦିଆଯାଉଥିବା ପ୍ରିମିୟମ ବା ଅତିରିକ୍ତ ମୂଲ୍ୟ ଯଥାର୍ଥ କି ବୋଲି ଡକ୍ଟର ମିଶ୍ର ପ୍ରଶ୍ନ କରିଥିଲେ ।

ସେ କହିଥିଲେ, ସାରା ବିଶ୍ୱରେ ଯେଉଁ ପ୍ରତିକ୍ରିୟା ବର୍ତ୍ତମାନ ଦେଖିବାକୁ ମିଳୁଛି ତାହାକୁ ଜଗତିକରଣ ଠାରୁ ପଛଘୁଞ୍ଚା ବୋଲି କୁହାଯାଇପାରିବ ନାହିଁ, ବରଂ ଅଧିକ ଅସ୍ଥିର ବିଶ୍ୱରେ ଏହାକୁ କିଭଳି ପୁଣିଥରେ ବ୍ୟବସ୍ଥିତ କରାଯାଇପାରିବ ସେଥିପାଇଁ ଚିନ୍ତା କରିବା ଲାଗି ସୁଯୋଗ ଆସିଛି । ବିଭିନ୍ନ ଦେଶ ନିଜର ଘରୋଇ କ୍ଷମତାଗୁଡ଼ିକ ଭିନ୍ନ ଭିନ୍ନ ଭାବେ ଅନ୍ତର୍ଜାତୀୟ ଭାଗିଦାରୀ, ରଣନୀତିକ ଭଣ୍ଡାର, ବିକଳ୍ପ ଯୋଗାଣ ଶୃଙ୍ଖଳ ଏବଂ ଗଭୀର ଆର୍ଥିକ ସହଯୋଗ ସହ ଯୋଡ଼ିବା ଲାଗି ଚେଷ୍ଟା କରୁଛନ୍ତି ।

ଭାରତର ଅଭିଜ୍ଞତା ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ, ଦୃଢ଼ତାର ଅର୍ଥ ବିଶ୍ୱ ଠାରୁ ପୃଥକ ରହିବା ନୁହେଁ। ଏହାର ଅର୍ଥ ହେଉଛି ବିଶ୍ୱସ୍ତରୀୟ ବିପଦ ପ୍ରତି ଅତ୍ୟଧିକ ଅସୁରକ୍ଷିତ ନ ରହି ଉନ୍ମୁକ୍ତ ରହିବାର କ୍ଷମତା । ବିଶ୍ୱ ଅସ୍ଥିରତାର ସାମ୍ନା କରିବା ଲାଗି ଭାରତର ପ୍ରତିକ୍ରିୟା ସମ୍ପର୍କରେ ମତ ରଖି ସେ କହିଥିଲେ, ଉର୍ଜା ସୁରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ, ରଣନୀତିକ ଶିଳ୍ପ କ୍ଷମତା ଏବଂ ବାହ୍ୟ ଆର୍ଥିକ ସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିବିଧ ତତ୍ତ୍ୱକୁ ଆଧାର କରି ଭାରତ ଆଗକୁ ବଢୁଛି।

ଡକ୍ଟର ମିଶ୍ର ଜୋର୍ ଦେଇ କହିଥିଲେ, ଦୃଢ଼ତା ସହିତ ଉତ୍ପାଦକତା ଏବଂ ପ୍ରତିଦ୍ୱନ୍ଦ୍ୱିତା ଆସିବା ଆବଶ୍ୟକ। ସେ କହିଥିଲେ, ଘରୋଇ କ୍ଷମତା ବୃଦ୍ଧିର ଅର୍ଥ ନୁହେଁ ଯେ, କୌଣସି ପରିସ୍ଥିତିରେ ଆମଦାନୀ ହ୍ରାସ କରିବା । ବରଂ ଏପରି କ୍ଷମତା ବିକଶିତ କରାଯିବା ଉଚିତ ଯାହା ପ୍ରତିଦ୍ୱନ୍ଦ୍ୱୀ, ବ୍ୟାପକ ଏବଂ ଶେଷରେ ବିଶ୍ୱ ବଜାରର ସେବା କରିବାରେ ସକ୍ଷମ ହୋଇଥିବ । ସେ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଫାର୍ମାସ୍ୟୁଟିକାଲ୍ସ ଏବଂ ଅନ୍ୟ ରଣନୀତିକ କ୍ଷେତ୍ରରେ ଜାରି ରହିଥିବା ପରିବର୍ତ୍ତନ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

ସମଷ୍ଟିଗତ ଆର୍ଥିକ ଦୃଢ଼ତାର ଗୁରୁତ୍ୱ ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ଆର୍ଥିକ ସୁଯୋଗ, ପର୍ଯ୍ୟାପ୍ତ ବିଦେଶୀ ମୁଦ୍ରା ଭଣ୍ଡାର, ଏକ ମଜବୁତ ଆର୍ଥିକ ବ୍ୟବସ୍ଥା ଏବଂ ବିଶ୍ୱସନୀୟ ପ୍ରତିଷ୍ଠାନ ଦେଶଗୁଡ଼ିକୁ ବାହ୍ୟ ଧକ୍କାର ସାମ୍ନା କରିବାର କ୍ଷମତା ପ୍ରଦାନ କରିଥା'ନ୍ତି । ସୁରକ୍ଷା ଓ ଦୀର୍ଘସ୍ଥାୟିତ୍ୱର କ୍ରମାଗତ ଭାବେ ପରସ୍ପରର ପରିପୂରକ ପାଲଟୁଛନ୍ତି । ଶକ୍ତି, ଖାଦ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ସୁରକ୍ଷା ମଧ୍ୟ ଲଗାତାର ପରସ୍ପର ସହ ଯୋଡ଼ି ହେଉଛନ୍ତି ।

ଶେଷରେ ଡକ୍ଟର ମିଶ୍ର କହିଥିଲେ, ଆତ୍ମନିର୍ଭରଶୀଳତା ଏବଂ ଜଗତିକରଣ ମଧ୍ୟରେ ଦୃଢ଼ତା ଏକ ବିକଳ୍ପ ନୁହେଁ । ଏହି ଦୁଇଟି ମଧ୍ୟରେ ମାର୍ଗ ଅଧିକ ବୁଦ୍ଧିମତାପୂର୍ଣ୍ଣ । ଯେଉଁଠି ବିପଦ ରଣନୀତିକ ସେଠାରେ ଘରୋଇ କ୍ଷମତା ବିକାଶ କରାଯିବା ଉଚିତ୍ । ଯେଉଁଠି ଗୋଟିଏ ସ୍ଥାନରେ ନିର୍ଭରଶୀଳତା ବିପଦପୂର୍ଣ୍ଣ ହୋଇଥିବ ସେଠାରେ ବିବିଧତା ଆଣିବା ଏବଂ ଯେଉଁଠି ବିଶ୍ୱସ୍ତରୀୟ ଏକୀକରଣ ଦ୍ୱାରା ଉତ୍ପାଦକତା ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇଛି, ସେଠାରେ ଖୋଲାପଣ ଆପଣାଇବା ଜରୁରୀ । ଆତ୍ମନିର୍ଭରଶୀଳତାର ବ୍ୟାପକ ଅର୍ଥ ବିଷୟରେ ଉଲ୍ଲେଖ କରି ସେ ପ୍ରଧାନମନ୍ତ୍ରୀଙ୍କ ଉକ୍ତିକୁ ମନେ ପକାଇଥିଲେ — ''ଆତ୍ମନିର୍ଭରଶୀଳତାର ଅର୍ଥ ବିଶ୍ୱ ଠାରୁ ବିଚ୍ଛିନ୍ନ ହୋଇଯିବା ନୁହେଁ, ବରଂ ଏହାର ଅର୍ଥ ହେଉଛି ନିଜେ ଆତ୍ମନିର୍ଭର ହେବା ଏବଂ ଉତ୍ପାଦନ ଲାଗି ସକ୍ଷମ ହେବା ।''



# ରାଜ୍ୟ ପଦାଧିକାରୀ ବୈଠକରେ ଯୋଗଦେଲେ
# ଓଡ଼ିଶାରେ ବିଜେପିର ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ,ସହପ୍ରଭାରୀ ଡ.ସ୍ୱଦେଶ ସିଂହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ଥର ପାଇଁ ଓଡିଶାର ପ୍ରଭାରୀ ଭାବେ ଦାୟୀତ୍ୱ ମିଳିଛି । ରାଜ୍ୟରେ ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯିବ । ଦଳୀୟ ସଂଗଠନକୁ ଆହୁରୀ ଅଧିକ ସୁଦୃଢ କରାଯିବ” ବୋଲି ନବନିଯୁକ୍ତ ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧକ୍ଷା ଓ ସାଂସଦ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ କହିଛନ୍ତି । ନୂତନ ଦାୟୀତ୍ୱ ନେବା ପରେ ନବନିଯୁକ୍ତ ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଶନିବାର ନବନିଯୁକ୍ତ ସହପ୍ରଭାରୀ ତଥା ରାଷ୍ଟ୍ରୀୟ ସଂପାଦକ ଡ.ସ୍ୱଦେଶ ସିଂହଙ୍କ ସହ ପ୍ରଥମ ଥର ପାଇଁ ଓଡିଶା ଗସ୍ତ କରିଛନ୍ତି । ରାଜ୍ୟ ବିଜେପି ତରଫରୁ ଉଭୟଙ୍କୁ ବିମାନ ବନ୍ଦରରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା ।ରାଜ୍ୟ କାର୍ଯ୍ୟାଳୟରେ ଦଳର ନେତୃବୃନ୍ଦ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଏହା ପରେ ଶ୍ରୀମତୀ ପୁରନ୍ଦେଶ୍ୱରୀ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୩୫ ନମ୍ବର ୱାର୍ଡ ସ୍ଥିତ ଅଙ୍ଗନବାଡୀ କେନ୍ଦ୍ରରେ ଆୟୋଜିତ ‘ଆଙ୍ଗନ୍ କି ଉତ୍ସବ’ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀମତୀ ପୁରନ୍ଦେଶ୍ୱରୀ ଆଙ୍ଗନବାଡି କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ଅଙ୍ଗନବାଡି କେନ୍ଦ୍ରଗୁଡିକ ସୁଦୃଢ କରିବା ଏବଂ ଶିଶୁ, ଗର୍ଭବତୀ ମହିଳା ଓ ସନ୍ତାନମାନଙ୍କୁ ଉନ୍ନତ ପୋଷଣ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡିକ ଉପରେ ଆଲୋଚନା କରିଥିଲେ । ସେହିପରି ରାଜ୍ୟ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ସ୍ଥିତ ଅଙ୍ଗନବାଡୀ କେନ୍ଦ୍ରରେ ଆୟୋଜିତ ‘ଆଙ୍ଗନ୍ କି ଉତ୍ସବ’ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଦଳୀୟ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ ଜିଲ୍ଲା ପ୍ରଭାରୀ ବୈଠକରେ ଉଭୟ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବୈଠକ ସଂପର୍କରେ ସୁଚନା ଦେଇ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ଯେ, ଆଜିର ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ଏବଂ ପ୍ରକୋଷ୍ଠ ସଂଯୋଜକ ଓ ସହ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ବିଶେଷ ଭାବେ ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶର ସାଙ୍ଗଠନିକ କାର୍ଯ୍ୟକଳାପ, ଆଗାମୀ କାର୍ଯ୍ୟ ଯୋଜନା, ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସେହପରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ମାସେ ବ୍ୟାପୀ ଚାଲିଥିବା “ସେବା ସଂକଳ୍ପ ଅଭିଯାନ” ଅନ୍ତର୍ଗତ ବିଭିନ୍ନ ସେବାମୁଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହିତ ଆଗାମୀ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକୁ ସଫଳ କରିବା ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୁଚନା ଦେଇଛନ୍ତି ।

ସେହିପରି ଆସନ୍ତା ଅକ୍ଟୋବର ୭ ତାରିଖ ଦିନ ଆମ ସମସ୍ତଙ୍କର ପ୍ରେରଣାର କେନ୍ଦ୍ରବିନ୍ଦୁ ତଥା ବିଶ୍ୱର ଅଦ୍ୱିତୀୟ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀଭାବେ ୨୫ ବର୍ଷ ପୂରଣ କରୁଛନ୍ତି । ଏହି ଅବସରରେ ଓଡ଼ିଶାର ୩୦ଟି ଜିଲ୍ଲା ସମେତ ଦେଶବ୍ୟାପୀ “ସେବା ଜ୍ୟୋତି” କାର୍ଯ୍ୟକ୍ରମର ଅନୁଷ୍ଠିତ ହେବ । ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଆଜିର ବୈଠକରେ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଅଧିକରୁ ଅଧିକ ଜନସାଧାରଣ କିପରି ଏହି ସେବା ଜ୍ୟୋତି କାର୍ଯ୍ୟକ୍ରମରେ ଭାଗନେବେ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ଆଭାସୀ ମାଧ୍ୟମରେ ଶୁଣିପାରିବେ ସେନେଇ ବୈଠକରେ ସମୀକ୍ଷା କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୁଚନା ଦେଇଛନ୍ତି ।

ଦୁଇ ଦିନିଆ ଓଡିଶା ଗସ୍ତ ଅବସରରେ ପ୍ରଭାରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ଡ.ସିଂହ ରାଜ୍ୟରେ ଚାଲିଥିବା ‘ସେବା ସଂକଳ୍ପ ଅଭିଯାନ” ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ବିଭିନ୍ନ ଦଳୀୟ ସାଂଗଠନିକ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ଅଛି ବୋଲି ଶ୍ରୀ ତ୍ରିପାଠୀ ସୁଚନା ଦେଇଛନ୍ତି ।

# ଅହମଦାବାଦ ଓ ବରଗଡ଼ରେ ପ୍ରଥମ ଥର ପାଇଁ ‘୨୪ ବେଶ ସମ୍ଭାର ପ୍ରଦର୍ଶନ ମହୋତ୍ସବ’
## ପଣ୍ଡିତ ରମେଶ ଚନ୍ଦ୍ର ଦାଶଙ୍କୁ ‘ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ-୨୦୨୬’
## ସତ୍ୟନାରାୟଣ ପଣ୍ଡା ଓ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କୁ ‘ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ’

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ପ୍ରଥମ ଥର ପାଇଁ ଏକ ଭବ୍ୟ ତଥା ଆଧାତ୍ମିକ କାର୍ଯ୍ୟକ୍ରମ ‘୨୪ ବେଶ ସମ୍ଭାର ପ୍ରଦର୍ଶନ ମହୋତ୍ସବ’ ଆୟୋଜିତ ହେବାକୁ ଯାଉଛି । ଏହି ମହୋତ୍ସବ ଗୁଜରାଟର ଅହମଦାବାଦ ଏବଂ ଓଡ଼ିଶାର ବରଗଡ଼ଠାରେ ଅନୁଷ୍ଠିତ ହେବ। ଅନୁଷ୍ଠାନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅହମଦାବାଦସ୍ଥିତ କଳ୍କୀ ଧାମଠାରେ ଆସନ୍ତା ଅକ୍ଟୋବର ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବରଗଡ଼ଠାରେ ଅକ୍ଟୋବର ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୁର୍ଲଭ ତଥା ପାରମ୍ପରିକ ୨୪ ବେଶ ସମ୍ଭାରର ପ୍ରଦର୍ଶନ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଯିବ। ଏହି ମହୋତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଗବେଷଣା, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତେ ଶାସ୍ତ୍ରୀୟ ଓ ପରମ୍ପରା ଅନୁଯାଇ ମହାପ୍ରଭୁ ଙ୍କ ପୂଜା କରାଯାଉ ଓ ହିନ୍ଦୁ ଦେବା ଦେବି ଙ୍କ ର କପୋଳ କଳ୍ପିତ ଗପ କରି ଅନିମେଷନ ଫିଲ୍ମ ନ କରା ଯିବା ପାଇଁ ବୋଲି ଦାବି କରିଥିଲେ । ପଣ୍ଡିତ ରମେଶ ଚନ୍ଦ୍ର ଦାଶଙ୍କୁ ପ୍ରତିଷ୍ଠିତ ‘ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ – ୨୦୨୬’ ପ୍ରଦାନ କରାଯିବା ନିମନ୍ତେ ମନୋନୀତ କରାଯାଇଛି। ସେହିପରି ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରଚାର ଓ ସଂରକ୍ଷଣ କ୍ଷେତ୍ରରେ ନିଷ୍ଠାପର ଅବଦାନ ନିମନ୍ତେ ଶ୍ରୀ ସତ୍ୟନାରାୟଣ ପଣ୍ଡା ଏବଂ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କୁ ‘ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆର ସଭାପତି ଡ଼. ନାରାୟଣ ମହାପାତ୍ରଙ୍କୁ ଜଗନ୍ନାଥ ସଂସ୍କୃତି ର ପ୍ରଚାର ଓ ପ୍ରସାର ପାଇଁ ଉଲ୍ଲେଖନିୟ ଅବଦାନ ପାଇଁ ବିଶ୍ୱ ହିନ୍ଦୁ ପରିଷଦ ଭୁବନେଶ୍ୱର ମହାନଗର ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତି ସମ୍ବର୍ଦ୍ଧିତ କରି ଥିଲେ। ଓଡ଼ିଶା ତଥା ଓଡ଼ିଶା ବାହାରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିସ୍ତାର ଓ ସଂରକ୍ଷଣ ଦିଗରେ ଏହି କାର୍ଯ୍ୟକ୍ରମ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆୟୋଜକ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ପ୍ରଦର୍ଶନୀ ଉଭୟ ରାଜ୍ୟର ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍‌କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ବାତିଲ ହୋଇଥିବା ଟ୍ରେନ୍ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ: ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ ୪ ଅକ୍ଟୋବରରୁ ୮ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ ୩ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ:

ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ। ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ। କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ଟ୍ରେନ୍ ନମ୍ବର ୧୮୦୦୫ ହାୱଡ଼ା–ଜଗଦଲପୁର ଏକ୍ସପ୍ରେସ, ୨ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ହାୱଡ଼ାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୦୦୬ ଜଗଦଲପୁର–ହାୱଡ଼ା ଏକ୍ସପ୍ରେସ, ୪ ଅକ୍ଟୋବରରୁ ୯ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ, ୩ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ୪ ଅକ୍ଟୋବରରୁ ୮ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ, ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ। କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଟ୍ରେନ୍ ନମ୍ବର ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର ଏକ୍ସପ୍ରେସ, ୪ ଅକ୍ଟୋବରରୁ ୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ କିରଣ୍ଡୁଲ ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍‌କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କ୍ରିକେଟ୍‌ରେ ସ୍ୱର୍ଣ୍ଣ ...

ଲେଖାଏଁ ୱିକେଟ୍ ନେଇଥିଲେ ।ଏହା ପୂର୍ବରୁ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ଶ୍ରୀଲଙ୍କା ୬୩ ରନ୍‌ରେ ବାଂଲାଦେଶକୁ ହରାଇ କାଂସ୍ୟ ଜିତିଥିଲା।

ସଂକ୍ଷିପ୍ତ ସ୍କୋର : ଭାରତ ୨୦ ଓଭରରେ ୨୧୧/୬ (ଅଭିଷେକ ଶର୍ମା ୬୧, ତିଳକ ବର୍ମା ୫୧*, ଶିବମ ଦୁବେ ୨୭, ଅରାଫତ ମିନ୍‌ହାନ୍ ୨/୨୫, ଅହମଦ ଡାନିୟଲ ୨/୪୩)। ପାକିସ୍ତାନ ୨୦ ଓଭରରେ ୧୯୨/୬ (ହାସନ ନୱାଜ ୯୬, ସୌମ ଆୟୁବ ୨୯, ଅକ୍ଷର ପଟେଲ ୨/୨୯, ୱାଶିଂଟନ ସୁନ୍ଦର ୨/୨୯, ଶିବମ ଦୁବେ ୨/୨୯)।

## ନଭେମ୍ବର ସୁଦ୍ଧା...

ପ୍ରମୁଖ ଆହ୍ୱାନ। ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗୋଟିଏ ଦିନରେ ୧୪ଟି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିବା ଉଲ୍ଲେଖ କରି ସେ କହିଥିଲେ ଯେ, ଏବେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯିବା ଆବଶ୍ୟକ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ ବୋଲି ରାଜ୍ୟପାଳ କହିବା ସହ ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାପକ ଭାବେ ପ୍ରାର୍ଥୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଭଳି ପ୍ରକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ପଡ଼ିଥିବା ଅନୁଭବ କରିବେ ନାହିଁ ଏବଂ ସାକ୍ଷାତକାର ବୋର୍ଡକୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ।

ଓଡ଼ିଶା ଲୋକଭବନକୁ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ ପକ୍ଷରୁ ପ୍ଲାଟିନମ୍ ସାର୍ଟିଫିକେସନ୍ ମିଳିଥିବା ଉଦାହରଣ ଦେଇ ରାଜ୍ୟପାଳ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ଗ୍ରୀନ୍ ସାର୍ଟିଫିକେସନ୍ ହାସଲ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଅଧିକାଂଶ ବିଶ୍ୱବିଦ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ସବୁଜିମା ରହିଛି ଏବଂ ଆଉ କିଛି ଅତିରିକ୍ତ ପଦକ୍ଷେପ ନେଲେ ସେମାନେ ଏହି ସାର୍ଟିଫିକେସନ୍ ହାସଲ କରିପାରିବେ ବୋଲି ସେ ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଆକ୍ରେଡିଟେସନ୍ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସୂଚନା ଦେଇଥିଲେ।

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। କେତେକ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ଥିବାବେଳେ ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଏହା ଚାରି ବର୍ଷ ରହିଛି। କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ କହିଥିଲେ।

ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି ଗ୍ରହଣ କରିପାରିବେ ବୋଲି ସେ ପରାମର୍ଶ ଦେଇଥିଲେ।

ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳଙ୍କ ପରାମର୍ଶକୁ ସମର୍ଥନ କରିବା ସହ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ପାଇଁ ସମସ୍ତ କୁଳପତିଙ୍କୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ କହିଥିଲେ।

ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତିର ବର୍ତ୍ତମାନ ସ୍ଥିତି ଉପରେ ପ୍ରେଜେଣ୍ଟେସନ ମାଧ୍ୟମରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

## ରାଜ୍ୟରେ କମିଛି ...

୨ରୁ ୩ ଡିଗ୍ରୀ ଅଧିକ ରହିଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଏହା ପ୍ରାୟ ୪ ଡିଗ୍ରୀ ଅଧିକ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

ଅନ୍ୟ ଜିଲ୍ଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ସେହିପରି ରବିବାର ପାଇଁ ମଧ୍ୟ ବାଲେଶ୍ୱର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଅନ୍ୟ କିଛି ଜିଲ୍ଲାର ଗୋଟିଏ-ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା/ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି।

ଏପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାହାର ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମହାରାଷ୍ଟ୍ର ଓ ଛତିଶଗଡ଼ର ଅଧିକାଂଶ ଅଞ୍ଚଳ ସମେତ ତେଲେଙ୍ଗାନା ଓ ଉତ୍ତର ଆଭ୍ୟନ୍ତରୀଣ କର୍ଣ୍ଣାଟକର କିଛି ଅଞ୍ଚଳରୁ ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପରିସ୍ଥିତି ଅନୁକୂଳ ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ପୁରୀରେ ସର୍ବୋଚ୍ଚ ୩୬.୨ ଡିଗ୍ରୀ, ଭୁବନେଶ୍ୱରରେ ୩୫.୬ ଡିଗ୍ରୀ,କଟକରେ ୩୪.୪ ଡିଗ୍ରୀ ଓ ଫୁଲବାଣୀରେ ସର୍ବନିମ୍ନ ୨୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

## ସର୍ବୋଚ୍ଚ ସମ୍ମାନରେ...

ଫ୍ଲାଏଦୁବାଇ ବିମାନରେ ବହୁ ସଂଖ୍ୟକ ଇସ୍ରାଏଲୀ ନାଗରିକ ଯାତ୍ରା କରୁଥିଲେ, ଯାହାଙ୍କୁ ମୃତ୍ୟୁ ମୁଖରୁ ଫେରାଇ ଆଣିଥିଲେ କ୍ୟାପଟେନ୍ ସ୍ମିତ୍ । ସେଥିପାଇଁ ନେତାନ୍ୟାହୁ ସରକାର ନିଜକୁ ତାଙ୍କ ପାଖରେ ‘ଋଣୀ’ ବୋଲି କହିଛନ୍ତି । ଆଉ ଜଣେ ଭାରତୀୟ ପାଇଲଟଙ୍କୁ ଇସ୍ରାଏଲ ତାର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବା ନିହାତି ଭାବରେ ଗର୍ବର ବିଷୟ ।

ସୂଚନା ମୁତାବକ, ଭାରତରେ ଥିବା ଇସ୍ରାଏଲର ରାଷ୍ଟ୍ରଦୂତ ରୁଭେନ ଆଜାର ସ୍ମିତ୍ ମଚ୍ଛାରଙ୍କୁ ଜଣେ ‘ହିରୋ’ ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ, ସ୍ମିତଙ୍କ ଅଦମ୍ୟ ସାହାସ, ଧୈର୍ଯ୍ୟ ଏବଂ ଉପସ୍ଥିତ ବୁଦ୍ଧି ବିମାନରେ ଥିବା ଲୋକଙ୍କ ଜୀବନ ବଞ୍ଚାଇବାରେ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସେଥିପାଇଁ ଇସ୍ରାଏଲର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ସଂସଦର ବାଚସ୍ପତି ଏବଂ ସେଠାକାର ଜନତା ସ୍ମିତ୍‌ଙ୍କ ପ୍ରତି କୃତଜ୍ଞ । ଏହାସହ ସେ କହିଛନ୍ତି ଯେ, ଇସ୍ରାଏଲ କେବେବି ସେମାନଙ୍କୁ ଭୁଲି ନାହିଁ, ଯେଉଁମାନେ ତାକୁ ସାହାର୍ଯ୍ୟ କରନ୍ତି। ତେଣୁ କ୍ୟାପଟେନ୍ ସ୍ମିତ୍‌ଙ୍କୁ ଭାରତର ମହାନ ନାୟକ ବୋଲି ଅଭିହିତ କରିବା ସହ ତାଙ୍କର ସାହସକୁ ଇସ୍ରାଏଲରେ ଆନୁଷ୍ଠାନିକ ସମ୍ମାନ ଏବଂ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ, ଆକ୍ରମଣ ସମୟରେ ସ୍ମିତଙ୍କୁ ଛୁରାମାଡ କରାଯାଇଥିଲା । ଏହା ସତ୍ତ୍ୱେ ବି ସେ କକପିଟ୍ ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ । ଯାହାଫଳରେ ଯାତ୍ରୀମାନେ କକପିଟ୍ ଭିତରକୁ ପ୍ରବେଶ କରିପାରିଥିଲେ ଏବଂ ଏକ ବଡ ଅଘଟଣ ହେବାରୁ ବର୍ତ୍ତି ଯାଇଥିଲେ। ଆଉ କ୍ରାସ୍ ରୁ ଶହ ଶହ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇପାରିଥିଲା । ତେବେ ତାଙ୍କର ଶାନ୍ତ ଆଚରଣ, ଦୃଢ ନିଷ୍ଠା ଏବଂ ଅଭିଜ୍ଞତା ଦ୍ୱାରା ସେ ପ୍ରମାଣିତ କରିଦେଇଥିଲେ ଯେ ଆତଙ୍କବାଦକୁ ମଧ୍ୟ ପ୍ରତିହତ କରିହେବ ।

## ରାଜ୍ୟରେ ନିୟୋଜିତ ...

ଏହି ତିନି ମାସ ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟର ବିଭିନ୍ନ କୃଷି ବିଶ୍ୱବିଦ୍ୟାଳୟର କୃଷି ଓ ଉଦ୍ୟାନ କୃଷି ଶାଖାର ଶେଷ ବର୍ଷର ୯୬୪ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ ‘ସହଯୋଗୀ’ ଭାବେ ମନୋନୀତ କରାଯାଇଛି। ପ୍ରତ୍ୟେକ ବ୍ଲକରେ ପ୍ରାୟ ୨ ରୁ ୩ ଜଣ ଛାତ୍ର ସହଯୋଗୀ କାର୍ଯ୍ୟ କରିବେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ରାଜ୍ୟରେ କୃଷିର ବିକାଶ କରିବା ସହ ଏକ ମଜଭୁତ କୃଷି ସମ୍ପ୍ରସାରଣ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଛାତ୍ରଛାତ୍ରୀ ଅନୁଭୂତିରୁ ବହୁତ କିଛି ଶିଖିବେ ଯାହା ପରବର୍ତ୍ତୀ ପର୍ଯ୍ୟାୟରେ କାମରେ ସାହାଯ୍ୟ କରିବ। ସେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠା, ନମ୍ରତା ଓ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ କୃଷି ବିଭାଗ, ବିଶ୍ୱବିଦ୍ୟାଳୟ ଓ କୃଷକ ସମ୍ପ୍ରଦାୟର ମିଳିତ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଉନ୍ନତ ପ୍ରଦର୍ଶନ କରିଥିବା ୫ ଜଣ ଛାତ୍ରଛାତ୍ରୀ ସେମାନଙ୍କର ଅନୁଭୂତିକୁ ଲୋକଙ୍କ ସହ ବାଣ୍ଟିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି।

ସହଯୋଗୀମାନେ ସୋମବାରରୁ ଶୁକ୍ରବାର (ସକାଳ ୧୦ଟାରୁ ସନ୍ଧ୍ୟା ୫ଟା) କ୍ଷେତ୍ରସ୍ତରରେ କାର୍ଯ୍ୟ କରିବେ। ଗ୍ରାମପଞ୍ଚାୟତ ସ୍ତରୀୟ ସମ୍ପ୍ରସାରଣ କର୍ମଚାରୀଙ୍କ ସହଯୋଗରେ ଇ-ପେଷ୍ଟ ଏବଂ ଏନପିଏସଏସ୍ ମାଧ୍ୟମରେ ରୋଗ-ପୋକ ନିରୀକ୍ଷଣ କରାଯିବ। ପ୍ରତ୍ୟେକ ଛାତ୍ର ୧୦୦ ଜଣ କୃଷକଙ୍କ ଗୁଣାତ୍ମକ ସର୍ବେକ୍ଷଣ କରିବେ ଏବଂ ଅର୍ଦ୍ଧ-ଭୌତିକ ପଦ୍ଧତିରେ ୫ଟି ଫସଲ ଅମଳ ପରୀକ୍ଷଣ ସମ୍ପାଦନ କରିବେ। ଛାତ୍ରଛାତ୍ରୀମାନେ କୃଷି ସାମଗ୍ରୀ ବିକ୍ରେତା , ଗୋଟିଏ ଏଫପିଓ , ଦୁଇଟି ଏସଏଚଜି ଏବଂ ଦୁଇଟି ପାକସ୍ / ଲାମ୍ପସ୍ ପରିଦର୍ଶନ କରି ଚାଷୀଙ୍କୁ ସରକାରୀ ଯୋଜନା ଓ କୃଷି ଆପ୍ଲିକେସନ୍ ବିଷୟରେ ସଚେତନ କରାଇବେ। କୃଷକମାନଙ୍କ ସମସ୍ୟା, ସଫଳତାର କାହାଣୀ ଓ ପ୍ରତିକ୍ରିୟା ସଂଗ୍ରହ କରି କୃଷି ଶିକ୍ଷା, ସମ୍ପ୍ରସାରଣ ସେବା ଓ ଚାଷୀଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରାଯିବ।

ସହଯୋଗୀମାନଙ୍କ ପ୍ରଦର୍ଶନ କୃଷ ଆପ୍ ଏବଂ ଆଡାପ୍ଟ ଡାସବୋର୍ଡ ମାଧ୍ୟମରେ ଡିଜିଟାଲ୍ ରୂପେ ଅନୁଧ୍ୟାନ କରାଯିବ। ସମ୍ପୃକ୍ତ ବ୍ଲକ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ସାପ୍ତାହିକ ଭାବେ ଏହାର ସମୀକ୍ଷା କରିବେ। ତିନି ମାସର ଇଣ୍ଟର୍ନସିପ୍ ସଫଳତାର ସହ ଶେଷ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ୨୧,୦୦୦ ଟଙ୍କାର ଷ୍ଟାଇପେଣ୍ଡ/ ପ୍ରୋତ୍ସାହନ ରାଶି ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ତରଫରୁ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରାଯିବ।

ଏହି ଶୁଭାରମ୍ଭ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଡକ୍ଟର ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ଦ୍ୱାରା ପୁରୀ ରେଳ ଷ୍ଟେସନ ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଶନିବାର ପୁରୀ ରେଳ ଷ୍ଟେସନର ନିରୀକ୍ଷଣ କରି ଚାଲିଥିବା ଷ୍ଟେସନ ପୁନଃବିକାଶ କାର୍ଯ୍ୟ, ଯାତ୍ରୀ ସୁବିଧା ଏବଂ ଷ୍ଟେସନର ସାମଗ୍ରିକ ପରିଚାଳନାଗତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ପୁରୀ ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ପୁନଃବିକାଶ ଓ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗୁଣବତ୍ତା ମାନଦଣ୍ଡ ବଜାୟ ରଖି କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ଏହି କାର୍ଯ୍ୟ ଯୋଗୁଁ ଯାତ୍ରୀମାନଙ୍କୁ ଯେପରି ଅସୁବିଧା ନହୁଏ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଶ୍ରୀ ଫୁଙ୍କୱାଲ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧାଗୁଡ଼ିକର ମଧ୍ୟ ନିରୀକ୍ଷଣ କରିଥିଲେ ଏବଂ ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ କରାଯାଉଥିବା ବିଭିର୍ଣ୍ଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବିଶେଷକରି ପୁରୀ ରେଳ ଷ୍ଟେସନ ବର୍ଷସାରା ବହୁ ସଂଖ୍ୟକ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ସେବା ଯୋଗାଉଥିବାରୁ ଯାତ୍ରୀ ସୁବିଧାଗୁଡ଼ିକର ନିୟମିତ ନିରୀକ୍ଷଣ ଓ ନିରନ୍ତର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାପ୍ରବନ୍ଧକ ଷ୍ଟେସନରେ ପାନୀୟ ଜଳର ଗୁଣବତ୍ତା ମଧ୍ୟ ଯାଞ୍ଚ କରିଥିଲେ। ପାନୀୟ ଜଳରେ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡଗୁଡ଼ିକୁ କଡ଼ାକଡ଼ି ଭାବେ ବଜାୟ ରଖିବା ସହ ଯାତ୍ରୀମାନଙ୍କୁ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବେ ପାନୀୟ ଜଳର ପରୀକ୍ଷା ଓ ନିରୀକ୍ଷଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ (ଡିଆରଏମ୍)ଙ୍କ ସମେତ ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମହାପ୍ରବନ୍ଧକଙ୍କ ସହିତ ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।

## ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ଅତିରିକ୍ତ ନିର୍ଦ୍ଦେଶିକା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସ୍ଥିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶିକା ଶ୍ରୀମତୀ ବନ୍ଦନା ମହାପାତ୍ର ବରଗଡ଼ସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶୈକ୍ଷିକ ଓ ବିକାଶମୂଳକ କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ଏହି ଅବସରରେ ତାଙ୍କ ସହ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସରୋଜ କୁମାର ଭୁଏ ଓ ପେଡାଗୋଜି ସଂଯୋଜିକା ଶ୍ରୀମତୀ ପୁଷ୍ପାଞ୍ଜଳି ଦାଶ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶାନ୍ତି ସୁନାଙ୍କ ନେତୃତ୍ୱରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରିଦର୍ଶନ ସମୟରେ ଶ୍ରୀମତୀ ମହାପାତ୍ର ବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ୍ ?, ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର ସମେତ ବିଭିନ୍ନ ଶିକ୍ଷାମୂଳକ ସୁବିଧା ନିରୀକ୍ଷଣ କରିଥିଲେ। ସେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟା, ବିଦ୍ୟାଳୟର କାର୍ଯ୍ୟକଳାପ ଓ ଛାତ୍ରୀମାନଙ୍କ ଶୈକ୍ଷିକ ପ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଏହାସହ ସେ ପିଏମ୍ ଶ୍ରୀ ଯୋଜନା ଅଧୀନରେ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପର ସମୀକ୍ଷା କରିଥିଲେ।


**GOVERNMENT OF ODISHA**
**OFFICE OF THE PANCHAYAT SAMITI, BALANGIR, BALANGIR**

Email - bdo-bbalangir@nic.in — 19001/276/2627

Letter No. 3981 // Dt. 29.09.2026

The BDO BALANGIR BLOCK, Balangir on behalf of Government of Odisha invites percentage rate bids in Single cover system to be received in online mode only for the construction of works as detailed in the table below.

| Sl. No | Name of the Work | Amount put to tender(In Rupees) | Class of Contractor | Cost of Tender Paper | E.M.D (Bid Security) In Rs | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Community Hall near Nilakantheswar Mahadev Temple of Village Barapudugia. | 15,74,550 | "C" & "D" | 6,000 | 15746 | SIX Months |

Further details can be seen from the e-procurement portal http://tendersodisha.gov.in.

OIPR-19001/19246/1/26-27/0002 — BDO Balangir Block

**OFFICE OF THE MUNICIPAL COUNCIL: KENDUJHARGADA**
Keonjhar-758001 (Odisha)
Tel No-06766-255413 (Office)
Fax- 06766-255413
Email ID-keonjharm.hud@rediffmail.com

13001/2025/2627

No. 11105 /KGM Dt. 29.09.26

**SEALED TENDER CALL NOTICE**

The Executive Officer, Kendujhargada Municipality on behalf of Kendujhargada Municipal Council invites sealed tenders from reputed & experienced service providers/ NGO to provide Manpower services for operation and Maintenance of different placesto Keonjhargarh Municipality for 01 (one) year, so as to reach the undersigned on or before 16.10.2026 at *5 P.M* through *Regd Post / Speed post* only addressed to the *Executive Officer, Kendujhargada Municipality*. The tender will be opened on dated *21.10.2026* at *11 A.M* in presence of the tenderer or their authorised representatives. The tenders received after due date & time will not be entertained. The tenderer should submit the copy of the EPF /ESI (if any) / Labour license / GST / Service Tax Registration No. along with tender paper. The tenderer should quote their rate inclusive all statutory liabilities, taxes, levies, cess etc. The authority will not be held responsibility for the postal delay, if any in delivery of the documents and non-receipt of the same in time. The tender schedule will be available website https://kendujhar.odisha.gov.inand https://keonjhargarhmc.in w.e.f dt.*01.10.2026 to 15.10.2026* up to 5 P.M during office hour except holidays on payment of *Rs. 10000.00 ( Rupees Ten thousand) + 18 % GST (non-refundable)* only in shape of Demand Draft from any Nationalized Bank drawn in favour of *Executive Officer,* Kendujhargada Municipality payable at Keonjhar. The tender should furnish EMD of Rs.60,000.00 (Rupees Sixty thousand)only in shape of Bank Draft from any Nationalized Bank drawn in favour of *Executive Officer,* Kendujhargada Municipality payable at Keonjhar along with tender paper. The undersigned reserves the right to reject or cancel the tender without assigning any reason thereof.

OIPR-13001/13115/1/26-27/0016

Executive Officer
Kendujhargada Municipality

ଭୁବନେଶ୍ୱର, ୪ ଅକ୍ଟୋବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ଷୋଳ ପୂଜା ନୀତି ଆରମ୍ଭ



**ପୁରୀ,୦୩/୧୦ ନ୍ୟୁଜ ବ୍ୟୁରୋ**

ଶନିବାର ମୂଳାଷ୍ଟମୀରେ ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହୋଇଛି । ଏହି ଅବସରରେ ଶ୍ରୀମନ୍ଦିରରେ ମା'ବିମଳାଙ୍କ ପୀଠ ସମେତ ଶ୍ରୀକ୍ଷେତ୍ରର ଦେବୀ ପୀଠମାନଙ୍କରେ ଷୋଡ଼ଶ ଦିନାତ୍ମକ ପୂଜାର୍ଚ୍ଚନାର ଶୁଭାରମ୍ଭ ହୋଇଛି । ବଡ଼ଦେଉଳ ରନ୍ ଭଣ୍ଡାରରୁ ମା'ଦୁର୍ଗାଙ୍କର ସ୍ୱର୍ଣ୍ଣ ପ୍ରତିମା ରନ୍ ସିଂହାସନରେ ବିଜେ କରିଥିବା ବେଳେ ମା'ସୁଭଦ୍ରାଙ୍କ ଆଜ୍ଞାମାଳ ପାଇ ମା'ଦୁର୍ଗା ସୋମନାଥ ମଣ୍ଡପକୁ ବିଜେ ହୋଇଛନ୍ତି । ସେଠାରେ ଶ୍ରୀଅଙ୍ଗ ପୋଛାଯାଇ ନୂଆଲୁଗା ଲାଗି ହୋଇ ଠାକୁରାଣୀଙ୍କ ବେଶ୍ ବଢ଼ିଛି । ଯଥାବିଧି ସହସ୍ର କୁମ୍ଭାଭିଷେକ ନୀତି ସମ୍ପନ୍ନ ହୋଇଛି । ଏଥିସହ ଶାରଦୀୟ ପୂଜା ଅବସରରେ ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ଆରମ୍ଭ ହୋଇଯାଇଛି । ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ହେଉଛନ୍ତି ମାଧବ । ସର୍ବତ୍ର ଦୁର୍ଗାଙ୍କ ସହିତ ମହାଦେବଙ୍କ ଉପାସନାର ପରମ୍ପରା ଥିଲା ବେଳେ ଶ୍ରୀକ୍ଷେତ୍ରରେ ମାଧବଙ୍କ ସହିତ ଉପାସନା ପ୍ରଚଳିତ । ଶନିବାର ଅପରାହ୍ନରେ ମାଧବ ଆଜ୍ଞାମାଳ ପାଇ ଭଣ୍ଡାର ଦ୍ୱାରକୁ ଆସିଥିଲେ । ପୂର୍ବରୁ ସେଠାରେ ଦେବୀ ଦୁର୍ଗା ଅଧିଷ୍ଠିତ ହୋଇଥିଲେ । ବିଧି ଅନୁସାରେ ଉଭୟ ଦେବାଦେବୀ ଏକାତ୍ରିତ ହୋଇଥିଲେ । ପରେ ମା'ବିମଳା ଠାକୁରାଣୀଙ୍କ ଜଗମୋହନରେ ଦେବାଦେବୀ ବିଜେ ହୋଇ ଯଥାବିଧି ପୂଜା ସମ୍ପନ୍ନ ହୋଇଥିଲା । ଆସନ୍ତା ୧୭ ତାରିଖ ଶନିବାର ମହାସପ୍ତମୀ, ୧୮ ତାରିଖ ରବିବାର ମହାଷ୍ଟମୀ ଓ ୧୯ ତାରିଖ ସୋମବାର ମହାନବମୀ ପୂଜା ଅନୁଷ୍ଠିତ ହେବ । ଷୋଳପୂଜାର ନବମ ଦିନ ଅର୍ଥାତ୍ ୧୧ ତାରିଖରୁ ଦୁର୍ଗା ମାଧବଙ୍କ ବାହାର ବିଜେ ହେବ। ଅର୍ଥାତ୍ ଏକ ରଥାକୃତି ବିମାନରେ ଦୁର୍ଗାମାଧବଙ୍କୁ ନେଇ ଶ୍ରୀମନ୍ଦିର ସମ୍ମୁଖ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀଙ୍କ ମନ୍ଦିରରେ ବିଜେ କରାଯିବ । ୨୧ ତାରିଖ ବୁଧବାର ଦଶହରା ପୂଜା ଅନୁଷ୍ଠିତ ହେବ।





ଭୁବନେଶ୍ୱର : ୟୁନିଟ୍-୬ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଶନିବାର ଠାରୁ ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି । (ଫଟୋ : ସମ୍ବାଦ କଳିକା)

## ବିଶିଷ୍ଟ ବ୍ୟକ୍ତିଙ୍କ କିଟ୍ ଓ କିସ୍ ପରିଦର୍ଶନ

# ୭ଜଣଙ୍କୁ 'କିଟ୍- କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର, ୩ ।୧୦ ନ୍ୟୁଜ ବ୍ୟୁରୋ**

ନାଗାଲାଣ୍ଡ ରାଜ୍ୟପାଳ ନନ୍ଦ କିଶୋର ଯାଦବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶନିବାର କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍- କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା।




ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଗାଲାଣ୍ଡ ରାଜ୍ୟପାଳ ଶ୍ରୀ ଯାଦବ କହିଲେ ଯେ, ଶିକ୍ଷା କେବଳ ଜ୍ଞାନ ଆହରଣର ମାଧ୍ୟମ ନୁହେଁ, ଏହା ନିଜ ଭିତରେ ପରିବର୍ତ୍ତନର ମାଧ୍ୟମ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଆହୁରିକହିଲେ, ଏଠାରେ ଶିକ୍ଷା ସମାପ୍ତ ପରେ ତୁମେମାନେ ସମାଜକୁ ଭୁଲିବା ଉଚିତ ନୁହେଁ। କାରଣ ତୁମର ବଡ଼ ହେବାରେ ସମାଜର ମଧ୍ୟ ଯୋଗଦାନ ରହିଛି। ଅନ୍ୟତମ ଅତିଥି ଆମେରିକା ହାଉସ୍ ସଦସ୍ୟ କଂଗ୍ରେସମ୍ୟାନ ମାଇକେଲ ବମଗାର୍ଟନର କହିଲେ, କିଟ୍ ଓ କିସ୍ ହେଉଛି ବିଶ୍ୱର ସର୍ବବୃହତ୍ତ ଶୈକ୍ଷିକ ପ୍ରକଳ୍ପ। ଶିକ୍ଷା ମାଧ୍ୟମରେ ଆମେରିକା ଓ ଭାରତର ସମ୍ପର୍କ ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ସେହିପରି ଛତିଶଗଡ଼ ମା ବାମଲେଶ୍ୱରୀ ଜନହିତକର ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ଫୁଲଭୂଷଣ ବାଇ ଯାଦବ କହିଲେ, ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇ ଜୀବନ ଜିଇଁବାରେ ଯେଉଁ ଆନନ୍ଦ ଅଛି ତାହା ଅନ୍ୟ କେଉଁଥିରେ ନାହିଁ। ଦାରିଦ୍ର୍ୟ ମଧ୍ୟରେ ହାରିଯିବା ଉଚିତ ନୁହେଁ। ଦୃଢ଼ ମନୋବଳ ସହ ଆଗକୁ ବଢ଼ିବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏବିପି ନିଉଜର ବରିଷ୍ଠ ସାମ୍ବାଦିକ ଚିତ୍ରା ତ୍ରିପାଠୀ କହିଲେ, ବିକଶିତ ଭାରତର ସ୍ୱପ୍ନ କିସରେ ସାକାର ହେଉଛି। ସେ କହିଲେ, ଛାତ୍ରଛାତ୍ରୀମାନେ ତୁମେ ତୁମର ଆଦର୍ଶ ବାହାରେ ଖୋଜିବା ଆବଶ୍ୟକ ନାହିଁ। କାରଣ ତୁମ ଆଦର୍ଶ ତୁମ ନିକଟରେ ଅଛନ୍ତି, ସେ ହେଉଛନ୍ତି ତୁମର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ। ସେହିପରି ମୋତିଲାଲ ଓସୱାଲ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୋତିଲାଲ ଓସୱାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଲେ, ପିଲାମାନେ ତୁମେ ତୁମ ଜୀବନରେ ତିନୋଟି କଥାକୁ ମନେରଖିଥିବ। ଜ୍ଞାନ ଆହରଣ, ରୋଜଗାର ଓ ପ୍ରତିଦାନ। ଅଧିକରୁ ଅଧିକ ଜ୍ଞାନ ଆହରଣ କରିବା ସହ ରୋଜଗାରକ୍ଷମ ହୁଅ ଏବଂ ସମାଜକୁ ଏହାର ପ୍ରତିଦାନ ଦିଅ ବୋଲି କହିଥିଲେ। ଏହି ଅବସରରେ ଛତିଶଗଡ଼ ମା' ବମ୍ଲେଶ୍ୱରୀ ଜନହିତକାରି ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ଫୁଲବାସନ ବାଇ ଯାଦବ, ଆମେରିକା ମୋଣ୍ଟାନା ଷ୍ଟେଟ୍ ୟୁନିଭର୍ସିଟିର ଅଧ୍ୟକ୍ଷ ଡ. ବ୍ରକ୍ ଟେସ୍‌ମାନ, ରୋମାନିଆ କ୍ରାଏଭା ସହରର ମେୟର ଲିଆ ଓଲଗୁଟା ଭାସିଲେସ୍କୁ, ମିଲିସାଉଟି ସହରର ମେୟର ଭାସିଲେ କରାରେ, ବିରଲାଦ୍ ସହରର ମେୟର ଦୁମିତ୍ରୁ ବୋରାସ୍, ଏପିଇସି ୟୁନିଭର୍ସିଟିର ରେକ୍ଟର ଏରିକ୍ ଫେଡେରିକୋ ପେରେଜ୍ ଭେଗା, ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଆଭେଲାନେଡାର ରେକ୍ଟର ଜର୍ଜ କାଲଜୋନି ପ୍ରମୁଖଙ୍କୁ କିଟ୍-କିସ୍ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ୬,୩୮୭ ଅବସରପ୍ରାପ୍ତ ଶିକ୍ଷକଙ୍କ ନିଯୁକ୍ତି ଉପରେ ହାଇକୋର୍ଟଙ୍କ ରୋକ୍

# ସରକାରଙ୍କ ନିଷ୍ପତ୍ତିର କାର୍ଯ୍ୟକାରିତା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ

**କଟକ, ୦୩/୧୦ ନ୍ୟୁଜ ବ୍ୟୁରୋ**

ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ, ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲ ଏବଂ ସଂସ୍କୃତ ଟୋଲରେ ୬,୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଝଟକା ଲାଗିଛି। ଏହି ନିଷ୍ପତ୍ତି ସମ୍ପର୍କିତ ୨୦୨୫ ଅଗଷ୍ଟ ୧ରେ ଗଣଶିକ୍ଷା ବିଭାଗର ଚିଠିର କାର୍ଯ୍ୟକାରିତା ଉପରେ ଓଡ଼ିଶା ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍କୁଲ ଓ ସଂସ୍କୃତ ଟୋଲରେ ଉକ୍ତ ୬,୩୮୭ ପଦରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇ ପାରିବ ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୨ରେ ହେବ। ଜଷ୍ଟିସ୍ ଆର.କେ. ପଟ୍ଟନାୟକଙ୍କ ଖଣ୍ଡପୀଠ ୨୦୨୫ରୁ ବିଚାରାଧୀନ ଥିବା ସମ୍ପର୍କିତ ମାମଲାର ଶୁଣାଣି କରି ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଥିଲା ଯେ, ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ସହ ଓଟିଇଟି ପାସ୍ କରିଥିବା ବହୁ ଯୋଗ୍ୟ ଯୁବକ-ଯୁବତୀ ନିଯୁକ୍ତି ଅପେକ୍ଷାରେ ରହିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠିଛି। ଆବେଦନକାରୀଙ୍କ ଯୁକ୍ତି ଅନୁସାରେ, ଶିକ୍ଷକ ନିଯୁକ୍ତି ପାଇଁ ଆବଶ୍ୟକ ଯୋଗ୍ୟତା ଏବଂ ଉପଯୁକ୍ତ ଚୟନ ପ୍ରକ୍ରିୟାକୁ ଏଡ଼ାଇ



ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ନିୟମସମ୍ମତ ନୁହେଁ। ଏହା ସହିତ ଟିଇଟି ଯୋଗ୍ୟତା ନଥିବା ବ୍ୟକ୍ତିଙ୍କୁ ଏଭଳି ନିଯୁକ୍ତି ଦିଆଯିବା ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆହୁରି ଯୁକ୍ତି ଦର୍ଶାଯାଇଥିଲା ଯେ, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ସ୍କୁଲରେ ଆଡ୍‌ହକ୍ ନିଯୁକ୍ତି ବ୍ୟବସ୍ଥାକୁ ଅନୁମତି ଦିଆଯାଇ ପାରିବ ନାହିଁ। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଓ ନିର୍ଦ୍ଦିଷ୍ଟ ଚୟନ ପ୍ରକ୍ରିୟା ବିନା ଶିକ୍ଷକ ନିଯୁକ୍ତି କରାଯିବା ଉଚିତ ନୁହେଁ ବୋଲି ମଧ୍ୟ ଯୁକ୍ତି ରଖାଯାଇଥିଲା। ମାମଲାର ବିବରଣୀ ଅନୁସାରେ, ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ, ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲ ଏବଂ ସଂସ୍କୃତ ଟୋଲରେ ୬,୩୮୭ ଅତିଥି ଶିକ୍ଷକ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ୨୦୨୫ ଅଗଷ୍ଟ ୧ରେ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ଜାରି କରାଯାଇଥିଲା। ଏହି ଚିଠି ଆଧାରରେ କେତେକ ଜିଲ୍ଲାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ତେବେ ନିୟମିତ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ନକରି ଏଭଳି ଅସ୍ଥାୟୀ ବ୍ୟବସ୍ଥା ମାଧ୍ୟମରେ ଶିକ୍ଷକ ନିଯୁକ୍ତି କରାଯିବାକୁ ଚ୍ୟାଲେଞ୍ଜ୍ କରି ୨୦୨୫ ସେପ୍ଟେମ୍ବରରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଶିକ୍ଷା ଅଧିକାର ଆଇନ ଏବଂ ଏନ୍‌ସିଟିଇ ନିୟମାବଳୀର ଉଲ୍ଲଂଘନ ନେଇ ମଧ୍ୟ ଯୁକ୍ତି ରଖାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କ ନିଯୁକ୍ତି ଯୋଗୁଁ ନିୟମିତ ନିଯୁକ୍ତିର ଅପେକ୍ଷାରେ ଥିବା ଯୋଗ୍ୟ ଯୁବକ-ଯୁବତୀମାନେ ସୁଯୋଗରୁ ବଞ୍ଚିତ ହେଉଥିବା ଦର୍ଶାଯାଇଥିଲା। ଏହା ସହିତ, ୨୦୨୫ରେ ଏହି ନିଷ୍ପତ୍ତି ନିଆଯିବା ପରେ ଖାଲି ପଡ଼ିଥିବା ଶିକ୍ଷକ ପଦବିଗୁଡ଼ିକ ପାଇଁ ନିୟମିତ ନିଯୁକ୍ତି ପ୍ରକ୍ରିୟା କାହିଁକି ଆରମ୍ଭ କରାଯାଇନାହିଁ ବୋଲି ପ୍ରଶ୍ନ ଉଠାଯାଇଥିଲା। ଏହି ମାମଲାରେ ୨୦୨୫ ସେପ୍ଟେମ୍ବର ୨୩ରେ ହାଇକୋର୍ଟ ଶୁଣାଣି କରି ଖାଲି ଥିବା ଶିକ୍ଷକ ପଦବିଗୁଡ଼ିକୁ ନିୟମିତ ବ୍ୟବଧାନରେ କାହିଁକି ପୂରଣ କରାଯାଉନାହିଁ ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଶିକ୍ଷିତ ଯୁବକ-ଯୁବତୀମାନେ ନିଯୁକ୍ତି ପାଇଁ କୁଆଡ଼େ ଯିବେ ବୋଲି ମଧ୍ୟ ଅଦାଲତ ପ୍ରଶ୍ନ କରିଥିଲେ। ଏବେ ୬,୩୮୭ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ସମ୍ପର୍କିତ ୨୦୨୫ ଅଗଷ୍ଟ ୧ର ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ହାଇକୋର୍ଟ। ମାମଲାର ଅନ୍ତିମ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଏହି ରୋକ୍ ବଳବତ୍ତର ରହିବ। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୨ରେ ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୩/୧୦/୨୦୨୬
6,39,687/- ଟଙ୍କା
ସୁନା:- ୦୦ ଗ୍ରାମ୍ ୪୫୦ ମିଲିଗ୍ରାମ୍
ରୂପା:- ୬୭ଗ୍ରାମ୍‌୩୦୦ ମିଲିଗ୍ରାମ୍

# ଶକ୍ତିପୀଠ ଚଳଚଞ୍ଚଳ : ଷୋଡ଼ଶ ଉପଚାରରେ ମା'ଙ୍କ ପୂଜା ଆରମ୍ଭ

**କଟକ, ୩/୧୦ ନ୍ୟୁଜ ବ୍ୟୁରୋ**

ଶନିବାର ମୂଳାଷ୍ଟମୀରେଓଡ଼ିଶାର ପ୍ରସିଦ୍ଧ ଶକ୍ତି ପୀଠମାନଙ୍କରେ ମା'ଙ୍କର ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି । ମା' କଟକ ଚଣ୍ଡୀଙ୍କ ଠାରେ ଆରମ୍ଭ ହୋଇଯାଇଛି ଷୋଡ଼ଶ ଉପଚାର ପୂଜା। ଘଟ ପ୍ରତିଷ୍ଠା ପରେ ରବିବାର ଠାରୁ ୧୬ ବେଶ୍‌ରେ ଦର୍ଶନ ଦେବେ ମା' କଟକ ଚଣ୍ଡୀ । ମା'ଙ୍କ ସବୁଠାରୁ ବଡ଼ ପର୍ବ ହେଉଛି ଦୁର୍ଗାପୂଜା। ସେଥିପାଇଁ ସଜେଇ ହୋଇଛି ମା' କଟକ ଚଣ୍ଡୀଙ୍କ ପୀଠ। ସେହିପରି କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଶନିବାର ଠାରୁ ମାଆଙ୍କ ସହସ୍ର କୁମ୍ଭାଭିଷେକ ହୋଇଯାଇଛି। ୧୦୮ ସୁବାସିତ ଜଳରେ ମାଆ ସ୍ନାନ କରିଥିଲେ । ଶୟନରତ ଥିବା ମା' ମଙ୍ଗଳାମୟୀଙ୍କୁ ଜାଗ୍ରତ କରାଯାଇଥିଲା। ଘଣ୍ଟ ଘଣ୍ଟା ମନ୍ତ୍ର ପାଠ ସହ ମା'ଙ୍କ ମନ୍ଦିର କମ୍ପି ଉଠିଥିଲା। ସେଥିପାଇଁ ମା'ଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଜମିବା ଆରମ୍ଭ ହୋଇଯାଇଛି। ଶନିବାର ଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି । ଏବେ ପଞ୍ଚ ଉପଚାରରେ ପୂଜା ନୀତି ଚାଲୁଥିବାବେଳେ ଶନିବାରଠାରୁ ନୀତି ପରିବର୍ତ୍ତନ ହୋଇ ଷୋଡ଼ଶ ଉପଚାରରେ ପୂଜା ନୀତି ଚାଲିଲା । ସେଥିପାଇଁ ପାଇଁ ସ୍ୱତନ୍ତ୍ର ଭାବେ ସଂକଳ୍ପିତ ପୂଜା ପଣ୍ଡା ନିଷ୍ପାର ସହ ଏହି ୧୬ଦିନ ବ୍ୟାପି ପୂଜା କରିବେ ।

# ନବଗଠିତ ବିଜେଡି ମିଡିଆ ସେଲ୍ ସଂଯୋଜକ ଟିମ୍‌କୁ ଗୁରୁମନ୍ତ୍ର ଦେଲେ ନବୀନ

**ଭୁବନେଶ୍ୱର, ୦୩ /୧୦ ନ୍ୟୁଜ ବ୍ୟୁରୋ**

ଭାରତୀୟ ଜନତା ପାର୍ଟି ସରକାରର କୁଶାସନ ଓ କୁପରିଚାଳନାରେ ଓଡ଼ିଶାବାସୀ ଅତିଷ୍ଠ ହୋଇଗଲେଣି । ସାରା ରାଜ୍ୟରେ ଲୋକେ ଏବେ ଏଭଳି ଲୋକବିରୋଧୀ ଶାସନରେ ତ୍ରାହି ତ୍ରାହି ଡାକୁଛନ୍ତି । ତେଣୁ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଓଡ଼ିଶାବାସୀଙ୍କୁ ଶାଣିତ ଓ ସଚେତନ କରିବା ଏବଂ ଓଡ଼ିଶାର ଲୋକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବାକୁ ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଶନିବାର ନବଗଠିତ ବିଜେଡି ମିଡିଆ ସେଲ୍‌ର ସଂଯୋଜକ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି । ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ଅନୁଷ୍ଠିତ ଏକ ବୈଠକରେ ନବୀନ ପଟ୍ଟନାୟକ



ନବଗଠିତ ମିଡିଆ ସେଲ୍‌ର ସଂଯୋଜକ ଟିମ୍ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ବିଜେପିର କଳାକାରନାମା ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଲୋକଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ବୈଦ୍ୟୁତିକ ଗଣମାଧ୍ୟମ, ମୁଦ୍ରିତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକ୍ରମ ଏବଂ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚାଯିବ। ଭାରତୀୟ ଜନତା ପାର୍ଟି ଉପରେ ଜନସାଧାରଣଙ୍କ ମଧ୍ୟରେ ଯେଉଁ ତୀବ୍ର ଅସନ୍ତୋଷ ରହିଛି, ତାକୁ ଦୁର୍ବାର ଜନଆନ୍ଦୋଳନ ମାଧ୍ୟମରେ ତୋଳି ଧରିବାକୁ ନିଷ୍ପତ୍ତି ହୋଇଥିଲା। ଜନସାଧାରଣଙ୍କ ସାହାଯ୍ୟ, ସହଯୋଗ ଓ ଆଶୀର୍ବାଦରେ ଦଳ ଆଗକୁ ବଢ଼ିବ ଏବଂ ଓଡ଼ିଶାବାସୀଙ୍କ ସେବା ଜାରି ରଖିବ ବୋଲି ଏହି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ମିଡିଆ ସେଲର ବିଭିନ୍ନ ଗଣମାଧ୍ୟମ ସଂଯୋଜକ ଟିମର ଦାୟିତ୍ୱ ପାଇଥିବା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଡ଼ ଅରୁଣ କୁମାର ସାହୁ, ପ୍ରତାପ ଜେନା, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ସ୍ୱୟଂପ୍ରକାଶ ମହାପାତ୍ର ଓ ଅମରେଶ ପତ୍ରି ପ୍ରମୁଖ ଉପସ୍ଥିତ ଥିଲେ ।

## ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬

ବଜାରରେ ଉପଲବ୍ଧ ...




### ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବନ୍ଧୁକ ଦେଖାଇ ଦୁଷ୍କର୍ମ ! ଅଭିଯୁକ୍ତଙ୍କୁ ଏନକାଉଣ୍ଟର କଲା କମିଶନରେଟ୍ ପୋଲିସ

**ଭୁବନେଶ୍ୱର, ୩/୧୦ ନ୍ୟୁଜ ବ୍ୟୁରୋ**

ନୟାପଲ୍ଲୀ ଥାନା ବେହେରା ସାହିରେ ଜଣୈକା ଯୁବତୀଙ୍କୁ ଘରେ ପଶି ବନ୍ଧୁକ ଦେଖାଇ ଦୁଷ୍କର୍ମ ଘଟଣାରେ କମିଶନରେଟ୍ ପୋଲିସ କଠୋର ପଦକ୍ଷେପ ଗ୍ରହଣ କରିଛି । ଅଭିଯୁକ୍ତକୁ ପୋଲିସ ଶନିବାର ଏନ୍‌କାଉଣ୍ଟର କରିଛି । ଆହତ ଅଭିଯୁକ୍ତ ହେଲା ଶ୍ରୀଧର ପଣ୍ଡା (ଘର ଗଞ୍ଜାମ) । ସେ ଖସିଯିବା ପାଇଁ ପୋଲିସ ଟିମ୍‌କୁ ସ୍ପଟରେ ଆକ୍ରମଣ କରିଥିଲା। ନିଜ ସୁରକ୍ଷା ପାଇଁ ପୋଲିସକୁ ଏନକାଉଣ୍ଟର କରିବାକୁ ପଡ଼ିଥିଲା । ଏନକାଉଣ୍ଟର ପରେ ଆହତ ଅଭିଯୁକ୍ତକୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତ ଶ୍ରୀଧର ପଣ୍ଡାର ବାମ ଗୋଡ ପାଦରେ ୨ଟି ଗୁଳି ବାଜିଛି । ସେ ସୁସ୍ଥ ହେବା ପରେ ତାକୁ ନୟାପଲ୍ଲୀ ଥାନା ପକ୍ଷରୁ ଗିରଫ କରାଯିବ ବୋଲି ଭୁବନେଶ୍ୱର ଡିସିପି ସର୍ବଣା ବିବେକ୍ ଏମ୍. ସୂଚନା ଦେଇଛନ୍ତି । ଅଭିଯୁକ୍ତ ଶ୍ରୀଧର ପଣ୍ଡାକୁ ପୋଲିସ ଭୁବନେଶ୍ୱର ଚନ୍ଦକା ଅଞ୍ଚଳରେ ଠାବ କରିଥିଲା । ଏହାପରେ ସେ ଖସିଯିବାକୁ ଉଦ୍ୟମ କରିବା ସହିତ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇ ଥିଲା । ଆତ୍ମରକ୍ଷା ପାଇଁ ପୋଲିସ ଅଭିଯୁକ୍ତ ଶ୍ରୀଧର ଉପରକୁ ଗୁଳି ମାଡ଼ କରିଥିଲା । ଗୁଳିମାଡ଼ରେ ଆହତ ହୋଇ ଶ୍ରୀଧର ଟଳିପଡିଥିଲା । ତାକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଶ୍ରୀଧର ବେହେରା ସାହିରେ ଜଣେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ସହିତ ଦୁଷ୍କର୍ମ କରିଥିବା ପୀଡ଼ିତା ଅଭିଯୋଗ କରିଥିଲେ। ଗତ ବୁଧବାର ରାତିରେ ଏହି ଘଟଣା ଘଟିଥିବା ବେଳେ, ଗୁରୁବାର ଏହା ଜଣା ପଡ଼ିଥିଲା। ଅଭିଯୁକ୍ତ ଶ୍ରୀଧର ମୁହଁରେ ମାସ୍କ ପିନ୍ଧି, ଦୁଷ୍କର୍ମ ଘଟାଇଥିବା ଅଭିଯୋଗ ହୋଇଥିଲା। ନୟାପଲ୍ଲୀରେ ବନ୍ଧୁକ ଦେଖାଇ ଦୁଷ୍କର୍ମ ଘଟଣାରେ ପୋଲିସ ରହସ୍ୟ ଉନ୍ମୋଚନ କରିଛି । ଅଭିଯୁକ୍ତକୁ ଏନକାଉଣ୍ଟର ପରେ ବହୁ ତଥ୍ୟ ପଦାକୁ ଆସିଛି । ଚୋରି ଉଦ୍ଦେଶ୍ୟରେ ଅଭିଯୁକ୍ତ ଜଣକ ଘରେ ପଶିଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଡିସିପି ଅଫିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଶ୍ରୀଧର ପଣ୍ଡା (୨୪) ଘର ଗଞ୍ଜାମ ଅଞ୍ଚଳରେ । ସେ ମଞ୍ଜେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଛି । ତା ନାଁରେ ତମାଣ୍ଡୋ ଓ ଖଣ୍ଡଗିରି ଥାନାରେ ମୋବାଇଲ ଚୋରି ମାମଲା ରହିଛି । ସେ ଜେଲ ଯାଇ ବେଲରେ ଆସିଥିଲା। ଦୁଷ୍କର୍ମ ଘଟଣା ପରେ ୩୦୦ଟି ସିସିଟିଭି ଯାଞ୍ଚ ସହ ବହୁ ବୈଷୟିକ ତଥ୍ୟ ଆଧାରରେ ସ୍ପେଶାଲ ସ୍କ୍ୱାର୍ଡ ଟିମ୍ ଅଭିଯୁକ୍ତକୁ ଚିହ୍ନଟ କରିଥିଲା । ସ୍ପେଶାଲ ସ୍କ୍ୱାର୍ଡ ଓ ନୟାପଲ୍ଲୀ ଥାନାର ମିଳିତ ଟିମ୍ ଚନ୍ଦକା ଥାନା ଅଞ୍ଚଳରେ ଶ୍ରୀଧରକୁ କାବୁ କରିବାକୁ ଚେଷ୍ଟା କରିଥିଲା । ଏହି ସମୟରେ ଏକ ସ୍କ୍ରୁ ଡ୍ରାଇଭରରେ ପୋଲିସକୁ ଆକ୍ରମଣ କରିଥିଲା । ପୋଲିସ ଆତ୍ମରକ୍ଷା ପାଇଁ ଦୁଇ ରାଉଣ୍ଡ ଗୁଳି ମାଡ଼ କରିଥିଲା। ପରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଭୁବନେଶ୍ୱର ଡିସିପି ସର୍ବଣା ବିବେକ୍ ଏମ୍ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ସ୍ଥିତି ବୁଝିଥିଲେ । ସିପି ଦେବଦତ୍ତ ସିଂ କହିଛନ୍ତି, '୩୦ ତାରିଖ ରାତିରେ ପୀଡିତାଙ୍କ ଏତଲାକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ୪୮ ଘଣ୍ଟା ଅପରେଶନ ଚାଲିଥିଲା । କେହି ଶୋଇନଥିଲେ । କିଛି ସୂଚନା କାଲି ପାଇଥିଲୁ। କିଛି ସୂଚନା ଘଟଣା ପରଦିନ ରାତିରେ ପାଇଥିଲୁ । ଶନିବାର ସକାଳେ ତାକୁ ଚିହ୍ନଟ କରିଥିଲୁ । ଅଭିଯୁକ୍ତ ବହୁତ ଚତୁର । ସେ ଦୁଷ୍କର୍ମ ଘଟାଇ ଆମ ବସ୍‌ରେ ଯାଇଥିଲା । ପରେ ଅଟୋରେ ଓହ୍ଲାଇ ଏକ ନୂଆ ବାଇକ ଚୋରି କରି ପଳାଇଯାଇଥିଲା । ଅଭିଯୁକ୍ତ ଜଣକ ଛୋଟ ଧରଣର ଚୋରି କରୁଥିଲା । ଘର ଖୋଲା ଥିଲେ ମୋବାଇଲ, ପର୍ସ ଆଦି ନେଇଯାଉଥିଲା । ଚୋରି ଉଦ୍ଦେଶ୍ୟରେ ପୀଡିତାଙ୍କ ଘରକୁ ଯାଇଥିଲା । ଶୁକ୍ରବାର ଏହି ଘଟଣାରେ ରାଜ୍ୟ ମହିଳା କମିଶନ ହସ୍ତକ୍ଷେପ କରିଥିଲେ । କମିଶନ ନିଜ ଆଡ଼ୁ ଏହି ଘଟଣାରେ ମାମଲା ରୁଜୁ କରିଥିଲେ । ଏଥିସହ ଭୁବନେଶ୍ୱର ଡିସିପି ସର୍ବଣା ବିବେକ୍ ଏମଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ନିର୍ଦ୍ଦେଶ ଦେଇଥିଲେ ।